ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.149 Bhubaneswar Friday July 29 2022 | ୨୫ତମ ବର୍ଷ ସଂଖ୍ୟା–୧୪୯ ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୯, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ଶିକ୍ଷାମନ୍ତ୍ରୀଙ୍କ ଅଞ୍ଚଳରେ ବିକଳ ଚିତ୍ର: ୮ଟି ଶ୍ରେଣୀ ପାଇଁ ରହିଛି ୨ଟି ଗୃହ, କିନ୍ତୁ ଅଛି ୮ଟି ପାଇଖାନା





ଭୁବନେଶ୍ୱର ,୨୮ ।୭(ପି.ଏନ): ରାଜ୍ୟ ସରକାର ସ୍ମାର୍ଟ ସ୍କୁଲ ତିଆରି କରୁଛନ୍ତି। ସ୍ମାର୍ଟ ଶିକ୍ଷକ ମଧ୍ୟ ନିଯୁକ୍ତି ଦେଉଛନ୍ତି। ହେଲେ ଏହି ସବୁ ପ୍ରକ୍ରିୟାରେ ମୁଖ୍ୟ ଭୂମିକା ନେଇଥିବା ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସାମୀର ରଞ୍ଜନ ଦାଶ ବୋଧହୁଏ ଦେଖିନାହାନ୍ତି ନିଜ ନିର୍ବାଚନମଣ୍ଡଳୀର ଶିକ୍ଷା ବିଭାଗର ବିକଳ ଚିତ୍ର। ଯେଉଁଠି ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ରହିଛି ମାତ୍ର ଦୁଇଟି କ୍ଲାସ୍ ରୁମ୍। କିନ୍ତୁ ତିଆରି ହୋଇଛି ୮ଟି ପାଇଖାନା। ଶିକ୍ଷା ବିଭାଗର ଏପରି ବିକଳ ଚିତ୍ର ଆସିଛି ପୁରୀ ଜିଲ୍ଲା ନିମାପଡାର ବଡ଼ରୀକିଲ ଗାଁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ।ଶିକ୍ଷା ଆଲୁଅ ଜଳାଇବା ପାଇଁ ବଡ଼ରୀକିଲ ଗାଁରେ ଆଜକୁ ୬୨ ବର୍ଷ ତଳେ ପ୍ରତିଷ୍ଠା କରାଯାଇଥିଲା ସ୍କୁଲ। ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଆଜବେଷ୍ଟସ୍ ଘରେ ଚାଲୁଥିଲା କ୍ଲାସ୍। ହେଲେ କାଳ ସାଜିଲା ସାମୁଦ୍ରିକ ବାତ୍ୟା ଫୋନି। ୨୦୧୯ ମସିହାରେ ହୋଇଥିବା ବାତ୍ୟା ଫୋନିରେ ବିଦ୍ୟାଳୟର ଆଜବେଷ୍ଟସ୍ ଉଡି ଯାଇଥିଲା। ଛାତ ଗୃହ କ୍ଷତିଗ୍ରସ୍ତ ହୋଇଥିଲା। ଏହା ପରେ ଜିଲ୍ଲା ପ୍ରଶାସନ ଛାତ୍ରଛାତ୍ରୀମାନଙ୍କୁ ନିକଟସ୍ଥ ଗାଁ କୋଠଘର ଓ ଅନ୍ୟ ଏକ ବିଦ୍ୟାଳୟକୁ ସ୍ଥାନାନ୍ତରିତ କରିଥିଲା। ଗତବର୍ଷ ଦୁଇଟି ଗୃହ ନିର୍ମାଣ ପରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଫେରିଥିଲେ ।ଆଠଟି ଶ୍ରେଣୀ ଚାଲୁଛି ମାତ୍ର ଦୁଇଟି ଶ୍ରେଣୀ ଗୃହରେ। ଗୋଟିଏ ଶ୍ରେଣୀ ଗୃହରେ ୪ଟି ଲେଖାଏଁ ଶ୍ରେଣୀର ପିଲାମାନେ ପାଠ ପଢୁଛନ୍ତି। ଗୋଟିଏ ଗୃହରେ ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀମାନେ ଡେସ୍କ ବେଞ୍ଚରେ ବସି ପାଠ ପଢୁଥିବା ବେଳେ ପଞ୍ଚମ ଏବଂ ଷଷ୍ଠ ଶ୍ରେଣୀର ପିଲାମାନେ ତଳେ ବସି ପାଠ ପଢୁଛନ୍ତି। ଅନ୍ୟ ଏକ ଗୃହରେ ପ୍ରଥମରୁ ଚତୁର୍ଥ ଶ୍ରେଣୀର ଛାତ୍ରଛାତ୍ରୀମାନେ ବସୁଛନ୍ତି ।ଆଠଟି ଶ୍ରେଣୀ ପାଇଁ ପ୍ରଧାନଶିକ୍ଷକଙ୍କୁ ମିଶାଇ ୬ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ନିଯୁକ୍ତି ହୋଇଛନ୍ତି। ଶିକ୍ଷକମାନେ ଦୁଇଟି ଗୃହରେ କଳା ପଟାକୁ ଭାଗ ଭାଗ କରି ପାଠ ପଢ଼ାଉଛନ୍ତି। ଏଥିରେ ଶିକ୍ଷକଙ୍କୁ ବହୁ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି। ଗୋଟିଏ ଶ୍ରେଣୀର ପିଲାଙ୍କୁ ପାଠ ପ?ାଉଥିବା ବେଳେ ଅନ୍ୟ ଶ୍ରେଣୀର ପିଲାମାନେ ଅନ୍ୟମନସ୍କ ହେଉଥିବା ଦେଖିବାକୁ ମଳୁଛି। ଛାତ୍ରଛାତ୍ରୀମାନେ ଠିକ୍‌ରେ ପାଠ ପଢ଼ି ପାରୁନଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି ।ମଧ୍ୟାହ୍ନ ଭୋଜନ ରୋଷେଇ ଓ ରୋଷେଇ ସାମଗ୍ରୀ ରଖିବା ପାଇଁ ଘର ନାହିଁ। ତେଣୁ ସେହି କ୍ଲାସ୍ ରୁମ୍‌ରେ ରୋଷେଇ ସାମଗ୍ରୀ ଓ ଚାଉଳ ରହୁଛି। ବିଦ୍ୟାଳୟରେ ରୋଷଶାଳା ନଥିବାରୁ ବିଦ୍ୟାଳୟ ବାରଣ୍ଡାରେ ପାଚିକା ଓ ସହାୟକ ମିଶି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳିଛି। ସବୁଠାରୁ ଉଦ୍‌ବେଗର କଥା ହେଉଛି, ପାଠ ପଢ଼ିବା ପାଇଁ ଦୁଇଟି ଶ୍ରେଣୀ ଗୃହ ଥିବା ବେଳେ ବିଦ୍ୟାଳୟରେ ରହିଛି ୮ଟି ପାଇଖାନା। ପୂର୍ବରୁ ୬ଟି ପାଇଖାନା ଘର ତିଆରି ହୋଇଥିବା ବେଳେ ଗତବର୍ଷ ଆଉ ଦୁଇଟି ପାଇଖାନା ନିର୍ମାଣ କରାଯାଇଛି ।ତେବେ ଏଠି ପ୍ରଶ୍ନ ଉଠୁଛି, ପୂର୍ବରୁ ଥିବା ପାଇଖାନାକୁ ମରାମତି କରାଯାଇପାରି ଥାଆନ୍ତା। ହେଲେ ପ୍ରଶାସନ ପାଇଖାନା ମରାମତି କରିବା ବଦଳରେ ଆଉ ଦୁଇଟି ନୂଆ ପାଇଖାନା ତିଆରି କରିଛି। ଶିକ୍ଷାର ଏହି ମନ୍ଦିରରେ ପିଲା ବସି ପାଠ ପଢ଼ିବା ପାଇଁ ଶ୍ରେଣୀ ଗୃହ ନାହିଁ। ହେଲେ ପ୍ରତିବର୍ଷ ତିଆରି ହେଉଛି ନୂଆ ନୂଆ ପାଇଖାନା। ଶ୍ରେଣୀ ଗୃହଠାରୁ ଚାରିଗୁଣା ପାଇଖାନା ନିର୍ମାଣ ନିର୍ମାଣ ହୋଇଛି ।ଏଭଳି ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଯେତିକି ବ୍ୟାଘାତ ହେଉଛି ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ପାଠ ପଢ଼ାଇବାରେ ମଧ୍ୟ ସେତିକି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂତନ ଶ୍ରେଣୀଗୃହ, ରୋଷଶାଳା ସହ ବିଦ୍ୟାଳୟର ପାଚେରୀ ନିର୍ମାଣ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଅଭିଭାବକ।

## ଓଡିଶାରେ ନିତି ଆୟୋଗଙ୍କ ଟିମ୍, ପୁଣି ଉଠିଲା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି



ଭୁବନେଶ୍ୱର,୨୮ ।୭(ପି.ଏନ): ନିତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଓଡିଶା ଗସ୍ତରେ ଆସି ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହାସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ନିତି ଆୟୋଗ ପରିଚାଳନା ପରିଷଦ ବୈଠକରେ ଯୋଗ ଦେବାକୁ ଆନୁଷ୍ଠାନିକ ଆମନ୍ତ୍ରଣ କରିଛନ୍ତି । ଏହି ଅବସରରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି ଉପସ୍ଥାପିତ ହୋଇଛି ।ନିତି ଆୟୋଗ ଉପାଧ୍ୟକ୍ଷ ଶ୍ରୀ ବେରୀ ଓ ସଦସ୍ୟ ଡଃ ବି କେ ପଲଙ୍କ ସହ ନିତି ଆୟୋଗର ବରିଷ୍ଠ ଅଧିକାରୀମାନେ ଓଡିଶା ଗସ୍ତରେ ଆସି ଆଜି ଭୁବନେଶ୍ୱରସ୍ଥିତ ୱାର୍ଲ୍ଡ ସ୍କିଲ ସେଂଟର, ମହିଳା ଏସଏଚ୍‌ଜିଙ୍କ ଦ୍ୱାରା ପରିଚାଳିତ ଉଦ୍ୟୋଗ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପିପିଲିଠାରେ ଥିବା ୱେଲନେସ୍ ସେଂଟର, ଫାଇଭ-ଟିରେ ରୂପାନ୍ତରିତ ହାଇସ୍କୁଲ ଓ ଓଡିଶା କ୍ରାଫ୍ଟ ମ୍ୟୁଜିୟମ 'କଳାଭୂମି' ବୁଲି ଦେଖିଥିଲେ । ଏହାସହିତ ଲୋକସେବା ଭବନର କନଭେନସନ ସେଂଟରରେ ମୁଖ୍ୟ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ ଜେନା ଓ ବିଭିନ୍ନ ବିଭାଗର ସଚିବମାନଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ କରିଥିଲେ । ଏହି ବୈଠକରେ ଉନ୍ନୟନ କମିଶନର ଶ୍ରୀ ଜେନା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ପାୱାର ପଏଂଟ ପ୍ରେଜେଣ୍ଟେସନ ଦିଆଯାଇଥିଲା । ପଂଚାୟତିରାଜ, ପାନୀୟ ଜଳ ସଚିବ ଏ କେ ମୀନା ଓ ଅର୍ଥ ବିଭାଗର ସଚିବ ବିଶାଳ ଦେବ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଯୋଜନାର ସଫଳତା ଉପରେ ଆଲୋକପାତ କରିଥିଲେ ।ନିତି ଆୟୋଗ ଉପାଧ୍ୟକ୍ଷ ଓ ସଦସ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟର ସଫଳତାକୁ ମଧ୍ୟ ପ୍ରଶଂସା କରିଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ପ୍ରେସ୍ ରିଲିଜରେ ଦର୍ଶାଯାଇଛି । ସନ୍ଧ୍ୟାରେ ନିତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀ ଓ ସଦସ୍ୟ ଶ୍ରୀ ପଲ୍ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଆସନ୍ତା ୭ତାରିଖରେ ଦିଲ୍ଲୀରେ ହେବାକୁ ଥିବା ନିତି ଆୟୋଗ ପରିଚାଳନା ପରିଷଦ ବୈଠକକୁ ଆମନ୍ତ୍ରଣ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ରାଜ୍ୟରେ ରେଳବାଇ, ଟେଲିକମ୍ ଓ ବ୍ୟାଙ୍କିଂ ଭିତ୍ତିଭୂମିକୁ ନେଇ ଦୀର୍ଘଦିନର ଦାବି ସମ୍ପର୍କରେ ସମ୍ୟକ ଦାବି ଉପସ୍ଥାପନ କରିଥିଲେ । ଖୁବଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ ବିସ୍ତୃତ ଦାବି ରଖାଯିବ ବୋଲି ସେ କହିଥିଲେ।

## ରାଜ୍ୟରେ ଦୁର୍ବଳ ସ୍ଥିତିରେ ମୌସୁମୀ

ଭୁବନେଶ୍ୱର, ୨୮ ।୭(ପି.ଏନ): ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ସ୍ଥିତିରେ ରହିଛି। ଗତ ୨୪ ଘଂଟା ମଧ୍ୟରେ ୧.୧ ମିମି ବର୍ଷା ରେକର୍ଡ ହୋଇଛି ଯାହାକି ସ୍ୱାଭାବିକ ବର୍ଷା ୧୪ ମିମି ତୁଳନାରେ ୯୨% କମ୍ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୧୮ଟି ଜିଲ୍ଲାର ଅନେକ ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି ।ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ଢେଙ୍କାନାଳ, କେନ୍ଦୁଝର ଓ ନୟାଗଡ଼ ପ୍ରଭୃତି ୧୮ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।










# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛିରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ୍‌ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ । ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।






# ସ୍ୱାସ୍ଥ୍ୟସେବାରେ ଆମେ କାହିଁକି ପଛରେ... !

ଆମ ଦେଶର କେଉଁ କେଉଁ ରାଜ୍ୟ ସ୍ୱାସ୍ଥ୍ୟସେବା ଯୋଗାଣରେ ଆଗରେ ଅଛନ୍ତି ଓ କେଉଁ କେଉଁ ରାଜ୍ୟ ପଛରେ ଅଛନ୍ତି, ତାହା ନୀତି ଆୟୋଗର ରିପୋର୍ଟରୁ ସ୍ପଷ୍ଟ ହୋଇଛି । ନୀତି ଆୟୋଗର ରିପୋର୍ଟ ଅନୁସାରେ ଆମ ଦେଶରେ କେରଳ ରାଜ୍ୟ ସରକାର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଣରେ ସବୁଠୁ ଆଗରେ ରହିଛି । ସେହିପରି ଉତ୍ତରପ୍ରଦେଶ ସ୍ୱାସ୍ଥ୍ୟସେବା ଯୋଗାଣରେ ଦେଶରେ ସବୁଠୁ ତଳେ ରହିଛି । କେରଳ ସ୍ୱାସ୍ଥ୍ୟସେବାର ସମସ୍ତ ମାପଦଣ୍ଡ ଆଧାରରେ ସ୍ୱାସ୍ଥ୍ୟସେବା ଯୋଗାଣରେ ପ୍ରଥମ ରାଜ୍ୟ ଭାବେ ପରିଗଣିତ ହୋଇଛି । ନୀତି ଆୟୋଗର ଚତୁର୍ଥ ସ୍ୱାସ୍ଥ୍ୟ ମାପଦଣ୍ଡରେ (୨୦୨୧) ୨୦୧୯-୨୦ରେ କେରଳ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିଥିଲା । ସେହିପରି ତାମିଲନାଡୁ ଦ୍ୱିତୀୟ ଏବଂ ତେଲେଙ୍ଗାନା ତୃତୀୟ ସ୍ଥାନରେ ରହିଛନ୍ତି ।



୧୮ରେ ଏବଂ ଉତ୍ତର ପ୍ରଦେଶ ସବୁଠୁ ତଳେ ୧୯ ସ୍ଥାନରେ ରହିଛି । ନୀତି ଆୟୋଗର ରିପୋର୍ଟ ଅନୁଯାୟୀ ଆମ ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନ୍ୟ ରାଜ୍ୟମାନଙ୍କର ବହୁ ପଛରେ ଅର୍ଥାତ୍ ୧୪ତମ ସ୍ଥାନରେ ରହିଛି । ଏଥିରୁ

ହୋଇଥିଲେ ହେଁ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀଙ୍କର ଘୋର ଅଭାବ ରହିଛି । ତେବେ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀ ଯେ ବାସ୍ତବ ଭିତିଭୂମିର ପ୍ରମୁଖ ଅଙ୍ଗ, ଏହା ହୁଏତ ସ୍ୱାସ୍ଥ୍ୟ ପ୍ରଶାସନର ମୁଣ୍ଡରେ ପଶୁ ନାହିଁ । ଆଇପିଏଚ୍‌ଏସ୍ ଅନୁଯାୟୀ ଓଡ଼ିଶାର ଉପ-ସ୍ୱାସ୍ଥ୍ୟକେନ୍ଦ୍ର ସମେତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟାକନ୍ଦ୍ର ଓ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନାରେ ୧୫୦୧୪ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କର ନିଯୁକ୍ତିର ଆବଶ୍ୟକତା ଥିବାବେଳେ ଏବେ କାର୍ଯ୍ୟରତ ଅଛନ୍ତି ୭୨୧୫ । ସେହିପରି ରାଜ୍ୟର ୧୨୭୯ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୨୩୧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୫୮ ଉପଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର,

ଏଣୁ ମୁଖ୍ୟମନ୍ତ୍ରୀ ନର୍ସମାନଙ୍କର ଅବସର ବୟସ ୬୫ ବର୍ଷକୁ ବୃଦ୍ଧି କରି ସେମାନଙ୍କ ଉତ୍ସର୍ଗୀକୃତ ସେବାକୁ ପୁରସ୍କୃତ କରିବା ଆବଶ୍ୟକ । ଏହାଦ୍ୱାରା ନର୍ସ ଅଭାବ ପୂରଣ ହେବା ସହ ସେମାନଙ୍କ ନିଷ୍ଠା ପାଇଁ ସରକାର କିଛି କଲେ ବୋଲି ଜଣାପଡ଼ିବ ।

ଅନ୍ୟପକ୍ଷରେ ଓଡ଼ିଶାରେ ଡାକ୍ତର ଅଭାବ ସମସ୍ୟା ଏକ ଜଟିଳ ରୂପ ନେଇଛି । ଏବେ ଓଡ଼ିଶାରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୨୫୪୯ ରହିଛି । ଜାତୀୟ ସ୍ତରରେ ସମାନ ହେବାକୁ ଏଠାରେ ୧୦ ହଜାର ଡ଼ାକ୍ତରଙ୍କ ଆବଶ୍ୟକତା ରହିଛି । ଜାତୀୟ ସ୍ତରରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୧୪୫୭ ରହିଛି । ସେହିପରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ଓଡ଼ିଶାରେ ୧ ହଜାର ଲୋକଙ୍କ ପାଇଁ ଜଣେ



୨୮ ଜିଲ୍ଲା ସଦର ମହକୁମା ଡାକ୍ତରଖାନା (୨୦୧-୩୦୦ ଶଯ୍ୟା) ଓ ୪ ଜିଲ୍ଲା ସଦର ମହକୁମା ଡାକ୍ତରଖାନା (୩୦୧-୫୦୦ ଶଯ୍ୟା), ବ୍ରହ୍ମପୁର, ବୁର୍ଲା ଓ କଟକ ବଡ଼ ମେଡ଼ିକାଲ୍‌ରେ ୧୪୧୯୨ ଷ୍ଟାଫ୍ ନର୍ସଙ୍କର ନିଯୁକ୍ତି ଆବଶ୍ୟକତା ଥିବାବେଳେ ଏବେ କାର୍ଯ୍ୟରତ ଅଛନ୍ତି ମାତ୍ର ୩୫୨୩ । ସେହିପରି ଆଇପିଏଚ୍‌ଏସ୍ ନିୟମ ଅନୁଯାୟୀ କର୍ମୀ ନିଯୁକ୍ତି ତ ଭିନ୍ନ କଥା, ହେଲେ ବର୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କର ଯେତିକି ପଦବୀ ରହିଛି, ସେଗୁଡ଼ିକରୁ ଅଧିକାଂଶ ମଧ୍ୟ ଖାଲି ପଡ଼ିଛି । ହେଡ୍ ନର୍ସ, ମ୍ୟାଟ୍ରନ୍, ସହକାରୀ ମ୍ୟାଟ୍ରନ୍, ପିଏଚ୍‌ଏନ୍, ଡ଼ିପିଏଚ୍‌ଏନ୍, ମହିଳା ପରିଦର୍ଶିକା, ଫାର୍ମାସିଷ୍ଟ, ଏଲଟି ଭଳି ବହୁ ପାରାମେଡ଼ିକ୍ କର୍ମୀଙ୍କର ନିଯୁକ୍ତିର ଆବଶ୍ୟକତା ରହିଛି ।

କରୋନା ସମୟରେ ମୁଖ୍ୟତଃ

ଡ଼ାକ୍ତରଙ୍କର ଆବଶ୍ୟକତା ରହିଛି । କିନ୍ତୁ କର୍ଣ୍ଣାଟକ, ତାମିଲନାଡୁ, ପଞ୍ଜାବ ଓ ମହାରାଷ୍ଟ୍ରରେ ଡାକ୍ତର ଓ ରୋଗୀ ଅନୁପାତ ୧:୧୦୦୦ ରହିଛି । ଦେଶର ସର୍ବୋତମ ସ୍ୱାସ୍ଥ୍ୟସେବା ତାଲିକାରେ ଗୋଆ ରେକର୍ଡ଼ ସୃଷ୍ଟି କରିଛି । ଏଠାରେ ଡାକ୍ତର ଓ ରୋଗୀ ଅନୁପାତ ୧:୪୯୩ ରହିଛି । ଆମ ପଡ଼ୋଶୀ ଆନ୍ଧ୍ରରେ ଏହି ଅନୁପାତ ୧:୧୧୩୦ ରହିଛି । ଏହାର ମୁଖ୍ୟ କାରଣ ହେଲା, ଆନ୍ଧ୍ରରେ ୩୧ଟି ମେଡ଼ିକାଲ୍ କଲେଜ ରହିଛି । ପ୍ରତିବର୍ଷ ଏଠାରୁ ୪୭୫୦ ଡାକ୍ତର ଉତୀର୍ଣ୍ଣ ହେଉଛନ୍ତି । ମାତ୍ର ଓଡ଼ିଶାରେ ୯ଟି ମେଡ଼ିକାଲ୍ କଲେଜରୁ ପ୍ରତିବର୍ଷ ୯୦୦ ଡ଼ାକ୍ତର ଉତୀର୍ଣ୍ଣ ହେବାର ବ୍ୟବସ୍ଥା ରହିଛି । ଏ ଦିଗରେ ଆମେ କାହିଁକି ପଛରେ ପଡ଼ିଛୁ, ବ୍ୟାପକ ସମୀକ୍ଷା ହେବା ଉଚିତ । ଆମ ରାଜ୍ୟରେ ଅଧିକ ଡ଼ାକ୍ତର ସୃଷ୍ଟି ହେବା ସହ ଆବଶ୍ୟକୀୟ ପାରାମେଡ଼ିକ୍ କର୍ମୀ ନିଯୁକ୍ତି



ଅନ୍ୟପକ୍ଷରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର କ୍ରମଶଃ ଉନ୍ନତି କ୍ଷେତ୍ରରେ ଉତ୍ତରପ୍ରଦେଶ ସବୁଠୁ ଆଗରେ ରହିଥିବା କୁହାଯାଇଛି । ଦେଶର ଛୋଟ ରାଜ୍ୟମାନଙ୍କ ମଧ୍ୟରେ ମିଜୋରାମ ଶୀର୍ଷସ୍ଥାନରେ ରହିଥିବା ବେଳେ କେନ୍ଦ୍ରଶାସିତ ପ୍ରଦେଶମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟକ୍ଷେତ୍ରରେ ଦିଲ୍ଲୀ ଓ ଜାମ୍ମୁ-କାଶ୍ମୀର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର

ଲାଗୁଛି ଆମ ରାଜ୍ୟ ସରକାର ରାଜ୍ୟରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ତୁରନ୍ତ ଉଦ୍ୟମ କରିବା ଆବଶ୍ୟକ ।

ଏବେ ସରକାରଙ୍କ ପାଇଁ ଆମ ସ୍ୱାସ୍ଥ୍ୟ ଭିତିଭୂମି ମଜଭୁତ କରାଇବାର ସମୟ ଆସିଛି । ମହାମାରୀ କରୋନାର ତାଣ୍ଡବ ବେଳେ ଏହାର ସାମ୍ନା କରିବା ପାଇଁ ସରକାରଙ୍କୁ ନାକେଦମ୍




ସମସ୍ତ ମାପଦଣ୍ଡ ଆଧାରରେ ସବୁଠୁ ତଳେ ରହିଛନ୍ତି । ଅନ୍ୟପକ୍ଷରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର କ୍ରମଶଃ ଉନ୍ନତି କ୍ଷେତ୍ରରେ ଦିଲ୍ଲୀ ଓ ଜାମ୍ମୁ-କାଶ୍ମୀରର ଉଦ୍ୟମ ସବୁଠୁ ଆଗରେ ରହିଥିବା କୁହାଯାଇଛି । ସେହିପରି ରାଜସ୍ଥାନ ସ୍ୱାସ୍ଥ୍ୟସେବା ଯୋଗାଣ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିପାରି ନଥିବା କୁହାଯାଇଛି ।

ନୀତି ଆୟୋଗର ରିପୋର୍ଟ ଅନୁଯାୟୀ ଆମ ଦେଶର ବିଭିନ୍ନ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କେଉଁ ରାଜ୍ୟ କେଉଁ ସ୍ଥାନରେ ରହିଛନ୍ତି, ତାହା ଦେଖାଯାଉ । ଏଥିରେ କେରଳ ପ୍ରଥମ ସ୍ଥାନରେ ଥିବାବେଳେ ତାମିଲନାଡୁ ୨ରେ, ତେଲେଙ୍ଗାନା ୩ରେ, ଆନ୍ଧ୍ରପ୍ରଦେଶ ୪ରେ, ମହାରାଷ୍ଟ୍ର ୫ରେ, ଗୁଜରାଟ ୬ ରେ, ହିମାଚଳ ପ୍ରଦେଶ ୭ରେ, ପଂଜାବ ୮ରେ, କର୍ଣ୍ଣାଟକ ୯ରେ, ଛତିଶଗଡ଼ ୧୦ରେ, ହରିଆନା ୧୧ରେ, ଆସାମ ୧୨ରେ, ଝାରଖଣ୍ଡ ୧୩ରେ, ଓଡ଼ିଶା ୧୪ରେ, ଉତ୍ତରାଖଣ୍ଡ ୧୫ରେ, ରାଜସ୍ଥାନ ୧୬ରେ, ମଧ୍ୟପ୍ରଦେଶ ୧୭ରେ, ବିହାର

ହେବାକୁ ପଡ଼ିଥିଲା ଓ କୌଣସି ସମୟରେ ମଧ୍ୟ ପୁଣି ସେହି ମହାମାରୀ ତାଣ୍ଡବ ସୃଷ୍ଟି କରିପାରେ । କରୋନା ସହ ଲଢ଼ିବାକୁ ଆମ ରାଜ୍ୟର ସ୍ୱାସ୍ଥ୍ୟ ଭିତିଭୂମି ପ୍ରାୟତଃ ସକ୍ଷମ ନୁହେଁ । ଏଣୁ ତୁରନ୍ତ ଆମ ରାଜ୍ୟରେ ସ୍ୱାସ୍ଥ୍ୟ ଭିତିଭୂମି ମଜଭୁତ କରାଯିବା ଆବଶ୍ୟକ ।

ସରକାରୀ ଡାକ୍ତରଖାନାରେ ସୁବିଧାରେ ରକ୍ତ, ମଳ, ମୂତ୍ର ଆଦି ବିଭିନ୍ନ ପରୀକ୍ଷା ବ୍ୟବସ୍ଥା ଥିଲେ ହେଁ ରୋଗୀଙ୍କୁ ଘରୋଇ ପରୀକ୍ଷାଗାର ଉପରେ ନିର୍ଭର କରିବାକୁ ପଡ଼େ ଓ ସେଠାରେ ସେମାନେ ଶୋଷିତ ହେଉଛନ୍ତି । ଡାକ୍ତରଖାନା ଗୁଡ଼ିକରେ ବହୁମୂଲ୍ୟ ଔଷଧ ମିଳିବା ତ ଦୂରର କଥା, ସାଲାଇନ୍ ବା ସାଧାରଣ ରୋଗର ବଟିକା ମଧ୍ୟ ରୋଗୀଙ୍କୁ ବାହାରୁ କିଣିବାକୁ ପଡୁଛି । ରାଜ୍ୟ ସରକାର କୋଟିକୋଟି ଟଙ୍କାର ଅନେକ ପ୍ରକାର ଔଷଧ କିଣନ୍ତି । ମାତ୍ର ସେସବୁ ରୋଗୀଙ୍କ ଭାଗରେ ପଡ଼େନି ।

“ଇଣ୍ଡିଆନ୍ ପବ୍ଲିକ୍ ହେଲ୍‌ଥ ଷ୍ଟାଣ୍ଡାର୍ଡ଼” (ଆଇପିଏଚ୍‌ଏସ୍)ର ମାନଦଣ୍ଡ ଅନୁଯାୟୀ ଓଡ଼ିଶାରେ ଭିତିଭୂମିର ସାମାନ୍ୟ ବିକାଶ





ନର୍ସମାନଙ୍କର ସେବାକୁ ସବୁ ମହଲରେ ଭୁରି ଭୁରି ପ୍ରଶଂସା କରାଯାଇଥିଲା । ଏଣୁ ସେମାନଙ୍କର ସେବାକୁ ସମ୍ମାନ ଦେଇ ସେମାନଙ୍କ ଅବସର ବୟସ ସୀମା ୬୫ ବର୍ଷକୁ ବୃଦ୍ଧି କରାଯିବାର ଆବଶ୍ୟକତା ଥିବା ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି । ମହାମାରୀର ତାଣ୍ଡବ ବେଳେ ନର୍ସମାନେ ନିଜ ଜୀବନକୁ ଖାତିର ନକରି ସାଧାରଣ ଲୋକ ମାନଙ୍କୁ ଅକୁଣ୍ଠିତ ସେବା ଯୋଗାଇଥିବାରୁ ମୁଖ୍ୟମନ୍ତ୍ରୀ ମଧ୍ୟ ସେମାନଙ୍କୁ ପ୍ରଶଂସା କରିଛନ୍ତି । ଆଗାମୀ ବର୍ଷମାନଙ୍କରେ ବହୁ ନର୍ସ ଅବସର ନେବେ । ମାତ୍ର ଏହି ସମୟରେ ସରକାର ସେହି ଅଭିଜ୍ଞ ନର୍ସମାନଙ୍କୁ ଅବସର ଦେବା ଠିକ୍ ନୁହେଁ ବୋଲି କୁହାଯାଉଛି ।

ପାଇଲେ ହିଁ ବାସ୍ତବ ଭିତିଭୂମିର ବିକାଶ ହୋଇପାରିବ । ଆଜି କରୋନା ଭୂତାଣୁର ତାଣ୍ଡବରୁ ରକ୍ଷାପାଇଁ ଆମେ ଡହଳ ବିକଳ ହେଉଛେ । ବାସ୍ତବରେ ଆମର ଯଦିଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରାମର୍ଶ ଅନୁଯାୟୀ ସ୍ୱାସ୍ଥ୍ୟ ଭିତିଭୂମି ବିକଶିତ ହୋଇଥା’ନ୍ତା ଓ ୧ ହଜାର ଲୋକଙ୍କ ପାଇଁ ଜଣେ ଡ଼ାକ୍ତର କାର୍ଯ୍ୟରତ ଥାଆନ୍ତେ, ଆମ ଓଡ଼ିଶା ସହଜରେ କରୋନାକୁ ସାମ୍ନା କରିପାରିଥାନ୍ତା । ଏଥିପ୍ରତି ସରକାର ତୁରନ୍ତ ଯତ୍ନବାନ ହେବା ଉଚିତ ।

**ଶରତ କୁମାର ରାଉତ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍,*
*ଭୁବନେଶ୍ୱର, ମୋ-*
*୯୩୩୭୩୬୯୪୪୮*

# ଆନନ୍ଦପୁର ଉପଖଣ୍ଡସ୍ତରୀୟ ୭୬ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

ଆନନ୍ଦପୁର (ପିଏନ୍):ଆନନ୍ଦପୁର ଉପଖଣ୍ଡ ସ୍ତରୀୟ ୭୬ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଉପଜିଲ୍ଲାପାଳଙ୍କ ସଭାଗୃହରେ ଉପଜିଲ୍ଲାପାଳ ଅନିଲ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଉପଜିଲ୍ଲାପାଳ ସମସ୍ତ ସଭ୍ୟ ସଭ୍ୟାଙ୍କୁ ସ୍ୱାଗତ ଜଣାଇବା ସହ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ଆନନ୍ଦପୁର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବେନ୍ଦ୍ର କୁମାର ରାଉତ ୭୬ତମ ସ୍ୱାଧୀନତା ଦିବସ ପ୍ରସ୍ତୁତି ସମ୍ପର୍କରେ ଏକ ବିବରଣୀ ପ୍ରଦାନ କରିଥିଲେ । ତା-୧୫.୦୮.୨୨ରିଖ ଦିନ ଆନନ୍ଦପୁର ଷ୍ଟାଡିୟମ୍ ଠାରେ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ହେବାକୁ ଥିବାବେଳେ ଉପସ୍ଥିତ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା । ୧୫ତାରିଖ ପ୍ରତ୍ୟୁଷ ୪ଘଟିକା ସମୟରେ ରାମଧେନୁ ଏବଂ ସକାଳ ୬ ଘଟିକାରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରୀର ଆୟୋଜନ କରିବାକୁ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା । ସକାଳ ୭ଟାରୁ ୭.୩୦ ମିନିଟ୍ ମଧ୍ୟରେ ଆନନ୍ଦପୁର ପୌରା□ଳରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ଶିକ୍ଷାନୁଷ୍ଠାନ ମାନଙ୍କରେ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଷ୍ଟାଡିୟମ ପଡିଆରେ ୮.୩୦ମିନିଟ୍ ସମୟରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବେ । ପା□ଟି ବିଭାଗରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ସିଭିଲିୟାନ(ସିନିୟର ଅଷ୍ଟମରୁ ଦଶମ), ସିଭିନିୟାନ (ଜୁନିୟର ଷଷ୍ଠରୁ ସପ୍ତମ), ସିଭିଲିୟାନ ସବ୍‌ଜୁନିୟର (ପ୍ରଥମରି ପ□ମ), ସ୍କାଉଟ୍ ଗାଇଡ୍, ରେଡକ୍ରସ, ଏନ୍‌ଏସ୍‌ଏସ୍. ଭାଗ ନେବେ । ଜାତୀୟ ପତାକା ଉତ୍ତୋଳନ ମଣ୍ଡପ ପ୍ରସ୍ତୁତି ଓ ସୁରକ୍ଷା ଘେର ନିର୍ମାଣ ନିମନ୍ତେ ୧୩ ତାରିଖ ସୁଦ୍ଧା ଆନନ୍ଦପୁର ସହକାରୀ ନିର୍ବାହୀ ଯନ୍ତ୍ରୀ ପୂର୍ତ୍ତ ଓ ଗୃହ ବିଭାଗକୁ ଦାୟିତ୍ୱ ଦିଆଯାଇଛି । ପ୍ୟାରେଡ୍ ପୂର୍ବାଭ୍ୟାସ ନିମନ୍ତେ ଦୁଇଦିନ ଆନନ୍ଦପୁର ଆନନ୍ଦପୁର ଷ୍ଟାଡିୟମ୍ ଠାରେ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ୨.୩୦ରେ କରାଯିବ । ସୁରକ୍ଷା ଦୃଷ୍ଟିରୁ ପାନୀୟ ଜଳ, ଆମ୍ବୁଲାନ୍ସ, ଅଗ୍ନିସେବାବାହିନୀ ଉପସ୍ଥିତ ରହିବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ପଡିଆର ସାଜସଜ୍ଜା ଓ ସଫାସୁତରା ପୌରାପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ସାଧାରଣ ଜ୍ଞାନ, ଡ୍ରଇଂ ପ୍ରତିଯୋଗିତା ଆଗାମୀ ଅଗଷ୍ଟ ୭ ତାରିଖରେ ହେବାକୁ ନିଷ୍ପତ୍ତି ନିଆଯାଇଥିଲା । ଆନନ୍ଦପୁର ଉପଖଣ୍ଡର ଶେଷ ମାଟ୍ରିକ୍ ଫଳାଫଳରେ ସିବିଏସ୍‌ସି ଟପ୍ପର ଛାତ୍ରଛାତ୍ରୀ ଏବଂ ଶ୍ରେଷ୍ଠ କୃଷକଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ୨ ଘଟିକା ସମୟରେ ଆନନ୍ଦପୁର ଭବନଠାରେ ଏକ କବିତା ଆସର ଓ ଆଲୋଚନାଚକ୍ର ଆୟୋଜନ କରିବା ପାଇଁ ସଭାପତି ସବୁଜିମା ସାହିତ୍ୟ ସଂସଦକୁ ଅନୁରୋଧ କରାଯାଇଛି । ୧୫ ତାରିଖ ଦିବା ୩ ଘଟିକା ସମୟରେ ଷ୍ଟାଡିୟମ୍‌ରେ ସରକାରୀ ଏକାଦଶ ଏବଂ ବେସରକାରୀ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଆୟୋଜନ କରିବା ପାଇଁ ସମ୍ପାଦକ ଆନନ୍ଦପୁର ଆଥଲେଟିକ୍ ଆସୋସିଏସନ୍‌କୁ ଦାୟୀତ୍ୱ ଦିଆଯାଇଛି । ଏହି ପ୍ରସ୍ତୁତି ବୈଠକରେ ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ, ଆସିଷ୍ଟାଣ୍ଟ କଲେକ୍ଟର ପ୍ରଦୀପ କୁମାର ପାଢୀ, ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଧନେଶ୍ୱର ସେଠୀ, ଆନନ୍ଦପୁର ଆଇଆଇସି ମନୋରନ ପ୍ରଧାନ, ଘଷିପୁରା ଆଇଆଇସି ଓ ଆନନ୍ଦପୁର, ଘଷିପୁରା ଅଗ୍ନିଶମ ବିଭାଗର ଅଧିକାରୀ, ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଅଧ୍ୟାପିକା, ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିବାବେଳେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅଧିକାରୀଙ୍କୁ ଚିଠି କରାଯାଇଥିଲେ ମଧ୍ୟ ଏହି ବୈଠକରେ ଅନୁପସ୍ଥିତ ଥିଲେ । ଏହାକୁ ନେଇ ବୈଠକରେ ଥିବା ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପଜିଲ୍ଲାପାଳଙ୍କୁ ଅନୁପସ୍ଥିତ ଥିବା ଅଧିକାରୀଙ୍କ ନିମନ୍ତେ ଅବଗତ କରାଇଥିଲେ । ଏହି ପ୍ରସ୍ତୁତି ବୈଠକୁ ସଫଳ କରିବା ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀ ନାରାୟଣ ଦାସ ଓ ଚନ୍ଦ୍ରକାନ୍ତ ଦଲେଇ ସହଯୋଗ କରିଥିବାବେଳେ ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଦିଲ୍ଲୀପ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆସନ୍ତା ଅଗଷ୍ଟ ୨ ତାରିଖରେ ଶ୍ରମ କମିଶନର୍ କାର୍ଯ୍ୟାଳୟ ସମ୍ମୁଖରେ ଦାବି ହାସଲ ପର୍ଯ୍ୟନ୍ତ ଦିବାରାତ୍ର ଧାରଣାର ସଫଳତା ପାଇଁ ଆହ୍ୱାନ

ଭୁବନେଶ୍ୱର (ପିଏନ୍): ଶ୍ରମ କମିଶନରଙ୍କ ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ ନୂତନ ଅନ୍‌ଲାଇନ୍ ପ୍ରକ୍ରିୟାରେ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ ଏବଂ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ସୁସଙ୍ଗଠିତ ଭାବେ କାର୍ଯ୍ୟକାରୀ କରିବା ପାଇଁ ଗତ ମଇ ୨୫ ତାରିଖରେ ଲିଖିତ ନିର୍ଦ୍ଦେଶନାମା ଦେଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରିବାରେ ଉଦାସୀନତା ବିରୁଦ୍ଧରେ ଆଗାମୀ ଅଗଷ୍ଟ ୨ ତାରିଖ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦାବି ହାସଲ ପର୍ଯ୍ୟନ୍ତ ଦିବାରାତ୍ର ଧାରଣା ପାଇଁ ଏ.ଆଇ.ଟି.ୟୁ.ସି. ରାଜ୍ୟ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକ ୟୁନିୟନ୍ ସମନ୍ୱୟ କମିଟି, ଓଡ଼ିଶାର ବୈଠକ ଶ୍ରମିକ ନେତ୍ରୀ ମଞ୍ଜୁଳ ମଞ୍ଜରୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଆହ୍ୱାନ ଦିଆଯାଇଛି । ଉକ୍ତ ଧାରଣାକୁ ସମ୍ବୋଧିତ କରିବା ପାଇଁ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ନେତୃମଣ୍ଡଳୀଙ୍କୁ ଏକ ପ୍ରତିନିଧି ମଣ୍ଡଳୀ ଭେଟି ନିବେଦନ କରିବା ପାଇଁ ନିଷ୍ପତ୍ତି ହୋଇଛି । ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର ନୂତନ ପୋର୍ଟାଲ୍ ଉନ୍ମୋଚନ ନାମରେ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ସର୍ବନିମ୍ନ ଅଧିକାରରୁ ବ□ିତ କରାଯାଉଛି । ଆମ୍ଭେ ନୂତନ ପ୍ରଯୁକ୍ତି ବିଦ୍ୟାର ବିରୋଧୀ ନୋହୁଁ, କିନ୍ତୁ ଶ୍ରମ ବିଭାଗ ବାସ୍ତବତାକୁ ହୃଦୟଙ୍ଗମ କରିବାର ଅଛି । ବିଭିନ୍ନ ବିଭାଗୀୟ ତୃଟି ଯୋଗୁ ରାଜ୍ୟର ୩୨ ଗୋଟି ଶ୍ରମ କାର୍ଯ୍ୟାଳୟରେ ପଡ଼ିରହିଥିବା ପଞ୍ଜିକରଣ, ନବୀକରଣ, ଶିକ୍ଷା, ବିବାହ, ପ୍ରସୂତୀକାଳୀନ ସହାୟତା, ମୃତ୍ୟୁସହାୟତା ରାଶି ଆବେଦନ ପଡ଼ି ରହିଥିଲା ବେଳେ ତରବରିଆ ଭାବରେ ଏଭଳି ନିଷ୍ପତ୍ତି ଲାଗୁ କରିବା ଦୁର୍ଭାଗ୍ୟଜନକ । ସମସ୍ତ ସରକାରୀ କାର୍ଯ୍ୟକ୍ରମ, ଯଥା - ରେଳବାଇ, ଜୀବନବୀମା, ଜନ୍ମମୃତ୍ୟୁ ପଞ୍ଜିକରଣ ଓ ଅନ୍ୟାନ୍ୟ କାର୍ଯ୍ୟ ଅନ୍‌ଲାଇନ୍ ଜରିଆରେ ଏବଂ ସମ୍ପୃକ୍ତ ସଂସ୍ଥାଦ୍ୱାରା ସ୍ୱୀକୃତୀପ୍ରାପ୍ତ କମ୍ପ୍ୟୁଟର ସେଣ୍ଟର ସହ ବିଭିନ୍ନ ସରକାରୀ ବିଭାଗର ନିଜସ୍ୱ କାର୍ଯ୍ୟାଳୟରେ ଦରଖାସ୍ତ ଗ୍ରହଣ କରି କାର୍ଯ୍ୟ ସମ୍ପାଦନା କରାଯାଉଥିବା ବେଳେ ନିର୍ମାଣ ଶ୍ରମିକ ଯିଏ ନିରକ୍ଷର ଏବଂ ନୂତନ ପ୍ରଯୁକ୍ତି ବିଦ୍ୟା ସହ ଅଭ୍ୟସ୍ତ ନଥିବା ବ୍ୟକ୍ତିଙ୍କ ପାଇଁ ଏଭଳି ନିଷ୍ପତ୍ତି ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନରେ ଅନ୍ତରାୟ ସୃଷ୍ଟି କରିବ । ତେଣୁ ବାସ୍ତବତାକୁ ବିଚାର କରି ପଞ୍ଜିକରଣ, ବାର୍ଷିକ ନବୀକରଣ ରାଶି ଦାଖଲ ଓ ଅନ୍ୟାନ୍ୟ ସହାୟତା ରାଶି ଯଥା: ମୃତ୍ୟୁକାଳୀନ, ଶିକ୍ଷା, ବିବାହ, ପ୍ରସୂତୀ ସହାୟତା ରାଶି ପ୍ରଦାନରେ ଅନ୍ୟାନ୍ୟ ସଂସ୍ଥା ଭଳି ବିଭିନ୍ନ ଶ୍ରମ କାର୍ଯ୍ୟାଳୟରେ ଦରଖାସ୍ତ ଗ୍ରହଣ କରି ଅନ୍‌ଲାଇନ୍ ମାଧ୍ୟମରେ କରାଯାଉ । ଏହି ବୈଠକରେ ସମନ୍ୱୟ କମିଟିର ରାଜ୍ୟ ଆବାହକ ବିଜୟ ଜେନା ପ୍ରସ୍ତାବ ଆଗତ କରିଥିବା ବେଳେ ସର୍ବଶ୍ରୀ ସତ୍ୟ ତ୍ରିପାଠୀ, ସସ୍ମିତା ବସ୍ତିଆ, ଜ୍ଞାନରଞ୍ଜନ ଦାଶ, ମନୋରଞ୍ଜନ ସାହୁ, ହରିହର ମହାନ୍ତି, ଶଙ୍କର୍ଷଣ ବେହେରା, ସୁଦର୍ଶନ ବାରିକ, ସୋମନାଥ ଗିରି, ବ୍ରହ୍ମଚାରୀ ବିଶ୍ୱାଳ, କରୁଣାକର ମହାରଣା, ଇସ୍‌ମାଇଲ୍ ମାଳୀ, ଇତି ମାନସିଂ, ଦେବାଶିଷ ବାବୁ, ନବ କୁମାର ନାୟକ, ଉତ୍ତମ ମଲ୍ଲିକ, ସୁକୁ ଖିନ୍‌ବୁଡ଼ି, ଧର୍ମରାଜ ପାତ୍ର, କାହ୍ନୁଚରଣ ବେହେରା, ପ୍ରମୁଖ ବକ୍ତବ୍ୟ ରଖି ଆଗାମୀ ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ ।

# କବିତା ଗ୍ରନ୍ଥ ‘ସ୍ୱଧର୍ମ ସଂଳାପ’ ଲୋକାର୍ପିତ



ବାଲେଶ୍ୱର (ପିଏନ୍)- ରେମୁଣା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସାହିତ୍ୟିକ ଡ. ରତ୍ନାକର ସିଂହଙ୍କ ତୃତୀୟ କବିତା ଗ୍ରନ୍ଥ ‘ସ୍ୱଧର୍ମ ସଂଳାପ’ ସ୍ଥାନୀୟ ଗୌରୀଶଙ୍କର କଲ୍ୟାଣ ମଣ୍ଡପରେ ଲୋକାର୍ପିତ ହୋଇଯାଇଛି । ସଭାପତି ଡା. ସତ୍ୟରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉନ୍ମୋଚକ ସମାଜ ଉତ୍ତର ଓଡ଼ିଶା ସଂସ୍କରଣର ମୁଖ୍ୟ କୁଳମଣି ବାରିକ, ମୁଖ୍ୟ ଅତିଥି ଭାବେ ସହଯୋଗୀ ପ୍ରଫେସର ଫକୀରମୋହନ ବିଶ୍ୱ ବିଦ୍ୟାଳୟର ଦେବାଶିଷ ପାତ୍ର, ମୁଖ୍ୟ ବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ କବି କାଳିପଦ ପଣ୍ଡା, ସମୀକ୍ଷକ ପଣ୍ଡିତ ନିରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇ ଡ. ସିଂହଙ୍କର କବିତା ପୁସ୍ତକର ତାଙ୍କ କବିତାରେ ମାନବିକ ମୂଲ୍ୟବୋଧ ସାଂପ୍ରତିକ ସମାଜ ଜୀବନର ଦୈନ୍ୟ ଦିନ ଦୁଃଖ, ସମସ୍ୟା ଓ ସୁସ୍ଥ ସମାଜ ଗଠନର ବାର୍ତ୍ତା କଥା ନୀତି ଆଦର୍ଶ ପ୍ରତିଫଳିତ ହୋଇଛି ବୋଲି କହିଥିଲେ । ସଂପାଦକ ଡ. ଭାଗବତ ପ୍ରସାଦ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ଦେଇଥିଲେ । କବିତା ଗ୍ରନ୍ଥକୁ ଶ୍ରୀଯୁକ୍ତ ବାରିକ ଉନ୍ମୋଚନ କରି ଡ. ସିଂହଙ୍କ କାବ୍ୟ ପ୍ରତିଭାକୁ ଭୂୟଶ୍ରୀ ପ୍ରଶଂସା କରିଥିଲେ । କବି ଡ. ସିଂହ ନିଜ ଲେଖନୀୟ ଅନୁଭୂତି ବର୍ଣ୍ଣନା କରିଥିଲେ । ବ୍ୟଙ୍ଗକବି ପଦ୍ମଲୋଚନ ପ୍ରଧାନ ଧନ୍ୟବାଦ ଦେଇଥିଲେ । ଦ୍ୱିତୀୟ ଅଧିବେଶନରେ ଏକ ମନୋଜ୍ଞ କବିତା ପାଠୋତ୍ସବ କବି ରବିନ୍ଦ୍ର କୁମାର ବିଶ୍ୱାଳ, କବୟିତ୍ରୀ ସତ୍ୟଭାମା ମୁଦୁଲି, ମଧୁସୂଦନ ମିଶ୍ର ଓ ଇନାୟତ ଅଲ୍ଲୀ ଖାଁ ଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । କୁମାରୀ ଉତ୍କଳିକା ସାହୁ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । କବି ଗର୍ଗପଦ ପଣ୍ଡା, ବାସନ୍ତୀ ଦାସ, ପଦ୍ମଲୋଚନ ପଣ୍ଡା, ଜୁମର ନାଥ ପାତ୍ର, ଇପ୍‌ସିତା ସ୍ୱାଇଁ, ବ୍ୟଙ୍ଗକବି ପ୍ରଭାକର ସାହୁ, କରୁଣାକର ଖଟୁଆ, ମଧୁସୂଦନ ମାଝୀ, ଜୟଶ୍ରୀ ମିଶ୍ର, ଅଶ୍ୱିନୀ କୁମାର ଦାଶ, ସରୋଜିନୀ ଦାସ, ଚକ୍ରଧର ଦାସ, ଦିବେନ୍ଦୁ ମଲ୍ଲିକ, ଯୋଗେଶ ଚନ୍ଦ୍ର ବେହେରା, ରମେଶ ଚନ୍ଦ୍ର ମହାରଣାଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ନିଜସ୍ୱ କବିତା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ମିନତି ପାତ୍ର, କରୁଣାକର ଜେନା, ସରୋଜ କୁମାର ପତି, ଦେବାଶିଷ ସିଂହ, ମାଳତୀ ମଣି ବିଶ୍ୱାଳ, ବ୍ରହ୍ମେଶ ସିଂହ, ବେଣୁଧର ସିଂହ, ଦୁଷ୍ମନ୍ତ ଦାସ ଓ ଅଜୟ ବାରିକ ପ୍ରମୁଖ ସହାୟତା କରିଥିଲେ ।

# ପେଟରୁ ବାହାରି ପାରିଲାନି ଫୁଲ : ମା’ର ମୃତ୍ୟୁ, ବ□ିଗଲା ଶିଶୁ କନ୍ୟା

କେନ୍ଦ୍ରାପଡ଼ା (ପିଏନ୍): ଜନୈକ ମହିଳା ଏକ ଶିଶୁ କନ୍ୟାଙ୍କୁ ଜନ୍ମ ଦେଇଥିଲେ । ହେଲେ ଜନ୍ମ ପରେ ପେଟରୁ ଫୁଲ ନବାହାରିବାରୁ ଯନ୍ତ୍ରଣାରେ ଛଟପଟ ହୋଇ ସଂପୃକ୍ତ ମହିଳାଙ୍କ ମୃତ୍ୟୁ ହୋଇଯାଇଛି । ହେଲେ ଶିଶୁ କନ୍ୟାଟି ବ□ି ଯାଇଛି । ସୂଚନା ଅନୁଯାୟୀ ରାଜନଗର ଅନ୍ତର୍ଗତ ରଙ୍ଗଣି ତାଳଚୁଆର ନାରାୟଣପୁର ଗ୍ରାମର ଜଗନ୍ନାଥ ମଣ୍ଡଳଙ୍କ ପତ୍ନୀ ପ୍ରସବ ବେଦନା ପାଇବାରୁ ତାଙ୍କୁ ପ୍ରଥମେ ତାଳଚୁଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ସେ ଏକ ଶିଶୁ କନ୍ୟାଙ୍କୁ ଜନ୍ମ ଦେଇଥିଲେ । କିନ୍ତୁ ଶିଶୁ କନ୍ୟା ଜନ୍ମ ହେବା ପରେ ମହିଳାଙ୍କ ପେଟରୁ ଫୁଲ ବାହାରି ପାରି ନ ଥିଲା । ଏହାର କାରଣ ଥିଲା ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ଡାକ୍ତର ନଥିଲେ । ତେଣୁ ମହିଳାଙ୍କୁ ଆମ୍ବୁଲାନ୍ସ ଯୋଗେ କେନ୍ଦ୍ରାପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଯାଇଥିଲା । ମହିଳା ଜଣକ କେନ୍ଦ୍ରାପଡ଼ା ଆସୁଥିବା ବେଳେ ବାଟରେ ଗୁରୁତର ହୋଇ ପଡିଥିଲେ । କେନ୍ଦ୍ରାପଡାରେ ପହ□ିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଫଳରେ ଶିଶୁକୁ ନବଯାତ ଶିଶୁ ୱାର୍ଡରେ ରଖାଯାଇ ଚିକିତ୍ସିତ କରାଯାଇଥିଲା । ଏ ସମ୍ପର୍କରେ ଖବର ପାଇ ଶିଶୁ ମଙ୍ଗଳ ସମିତି ପକ୍ଷରୁ ସଦସ୍ୟା ସ୍ମିତାଞ୍ଜଳି ମହାପାତ୍ର, ଲଳିତାଞ୍ଜଳି ଦାସ, କନକଲତା ବେହେରା, ଶୁଭଲିପ୍ସା ବାରିକ ପ୍ରମୁଖ ଚିକିତ୍ସାଳୟରେ ପହ□ିଥିଲେ । ଏଥିସହ ମୁଖ୍ୟଚିକିତ୍ସାଧିକାରୀ ଡା. ଅନିତା ପଟ୍ଟନାୟକଙ୍କୁ ଶିଶୁଟିର ଯତ୍ନ ନେବା ପାଇଁ ଅନୁରୋଧ କରିଥିଲେ । ଶିଶୁଟି ଏବେ ସୁସ୍ଥ ଥିବା ଜଣାପଡିଛି । ତେବେ ଏହି ଘଟଣା ପରେ ମେଡିକାଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।



# ଟ୍ରକ ଧକ୍କାରେ ଯୁବକ ଆହତ



ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ କଣ୍ଟାଢାବା ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକ ଆହତ ହୋଇ ଧର୍ମଶାଳାରେ ପ୍ରାଥମିକ ଚିକିତ୍ସାପରେ କଟକ ସ୍ଥାନାନ୍ତରିତ ହୋଇଥିବା ଜଣାଯାଇଛି । ସୂଚନା ଯେ ଧର୍ମଶାଳା ଥାନା ଅନ୍ତର୍ଗତ କୁଣ୍ଡପାଟଣା ନିକଟସ୍ଥ ଉତ୍ତରପ୍ରତାପ ପ□ାୟତ ଚାନ୍ଦମୋହିନୀ ଗ୍ରାମର ବଳରାମ ମହାନ୍ତିଙ୍କ ପୁଅ ମାନସକୁମାର ମହାନ୍ତି (୪୨) କଟକରୁ ନିଜ କାର୍ଯ୍ୟ ସାରି ବ୍ୟାଟେରୀଚାଳିତ ସ୍କୁଟି ଯୋଗେ ନିଜ ଗ୍ରାମକୁ ଫେରୁଥିବା ବେଳେ ଜାତୀୟରାଜ ପଥ କଣ୍ଟାଢାବା ନିକଟରେ ଏକ ଅଜଣା ଟ୍ରକ ଧକ୍କାରେ ଆହତ ହୋଇ ସନ୍ଧ୍ୟା ସମୟରେ ରାସ୍ତା ଉପରେ ପଡିଥିଲେ । କିଛି ବାଟୋଇ ଦୁର୍ଘଟଣାରେ ଆହତ ହୋଇଥିବା ମାନସଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ସହାୟ୍ୟରେ ଧର୍ମଶାଳା ମେଡିକାଲକୁ ପଠାଇଥିଲେ । ପରେ ଆହତ ବ୍ୟକ୍ତିଙ୍କ ସମ୍ପର୍କୀୟମାନଙ୍କୁ ଖବର ଦିଆଯାଇଥିଲା । ଖବର ପାଇ ରାଉତରାପୁର ସରପ□ ନିମାଇଁ ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଧର ମଲ୍ଲିକ, ବିଶ୍ୱଜିତ ବେହେରା, କେଦାର ବେହେରାଙ୍କ ସମେତ ଭାଇବନ୍ଧୁ, ଅନ୍ୟାନ୍ୟ ସାହାଯ୍ୟକାରୀ ହିତାକାଂକ୍ଷୀମାନେ ଚିକିତ୍ସାଳୟରେ ପହଁ□ ପ୍ରାଥମିକ ଚିକିତ୍ସା କରାଇଥିଲେ । ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଆହତ ମାନସଙ୍କର ହାତଗୋଡ ଏବଂ ମୁଣ୍ଡରେ ଆଘାତ ଲାଗିଛି ବୋଲି ପ୍ରାଥମିକ ଚିକିତ୍ସାରୁ ଜଣାପଡିଛି । ଦୁର୍ଘଟଣା ଘଟାଇଥିବା ଟ୍ରକଟି ଫେରାର ହୋଇଯାଇଥିବା ଜଣାପଡିଛି ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ଜୁଲାଇ ୨୯

# ମହାମାରୀ କରୋନା ଓ ଦାରିଦ୍ର୍ୟ



କରୋନା ମହାମାରୀ ଅବଧି ମଧ୍ୟରେ ବିଶ୍ୱରେ ଯେତେ ସଂଖ୍ୟକ ଗରିବ ସୃଷ୍ଟି ହୋଇଛନ୍ତି ସେଥିରୁ ୬୦ପ୍ରତିଶତ କେବଳ ଭାରତର। ଏକଥା ଆମେରିକାର ଏକ ଗବେଷଣା ସଂସ୍ଥା ମତ ଦେଇଛି। ଫଳସ୍ୱରୂପ ଏହି ସମୟ ମଧ୍ୟରେ ମଧ୍ୟମ ବର୍ଗ ଜନସଂଖ୍ୟା ୩.୨ କୋଟି ହ୍ରାସ ପାଇଛି। ସେହିପରି ଗରିବଙ୍କ ସଂଖ୍ୟାରେ ସାଢେ ୭ କୋଟି ବୃଦ୍ଧି ପାଇଛି। ସୂଚନାଯୋଗ୍ୟ ଯେ, ମହାମାରୀ ପୂର୍ବରୁ ଦେଶରେ ମଧ୍ୟବର୍ଗ ସଂଖ୍ୟା ପ୍ରାୟ ୧୦ କୋଟି ଥିଲା। ସେହିପରି ଏହି ରିପୋର୍ଟ ଅନୁସାରେ ଦେଶର ଗ୍ରାମାଞ୍ଚଳରେ ଗରିବ ହାର ବୃଦ୍ଧିପାଇ ୧୫ପ୍ରତିଶତରେ ପହଞ୍ଚିଛି। ଏହାବ୍ୟତୀତ ସହରାଞ୍ଚଳରେ ଗରିବ ହାର ବୃଦ୍ଧିପାଇ ପ୍ରାୟ ୨୦ପ୍ରତିଶତରେ ପହଞ୍ଚିଛି। ସେହିପରି ମହାମାରୀ ଯୋଗୁଁ ଦେବାଳିଆ ଅଥବା ଋଣ ଶୁଝି ନ ପାରି ୧୬ ହଜାର ବ୍ୟକ୍ତି ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ଆତ୍ମହତ୍ୟା କରିଥିବା ଏହି ଲୋକଙ୍କ ମଧ୍ୟରେ ୯ ହଜାର ୧୪୯ ବେରୋଜଗାର ଥିବା ଜଣାପଡିଛି। ଏହି ଦାରିଦ୍ର୍ୟ ସାରା ବିଶ୍ୱର ଏକ ପ୍ରମୁଖ ସମସ୍ୟା। କ୍ରମାଗତ ଭାବେ ଜାତୀୟ ଆୟ ଓ ମୁଣ୍ଡପିଛା ଆୟ ବୃଦ୍ଧି ପାଉଥିଲେ ମଧ୍ୟ ବିଶ୍ୱରେ ଦାରିଦ୍ର୍ୟତାର ପ୍ରଭାବ ଅତୁଟ ରହିଛି।

ଏହି କଥାକୁ ଲକ୍ଷ୍ୟ ରଖି ୧୯୮୭ରୁ ପ୍ରତିବର୍ଷ ଅକ୍ଟୋବର ୧୭ ତାରିଖରେ ପାଳିତ ହେଉଛି ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ। ଦାରିଦ୍ର୍ୟ, କ୍ଷୁଧା, ହିଂସା ଓ ଭୟ ଦୂର କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଦାରିଦ୍ର୍ୟକୁ ଦୁଇଟି ଦୃଷ୍ଟି କୋଣରୁ ବିଚାର କାରାଯାଇଥାଏ। ପ୍ରଥମତଃ ଚରମ ବା ଉତ୍କଟ ଦାରିଦ୍ର୍ୟ ଓ ଦ୍ୱିତୀୟତଃ ଆପେକ୍ଷିକ ଦାରିଦ୍ର୍ୟ। ଯେଉଁ ଲୋକ ବଞ୍ଚି ରହିବା ପାଇଁ ଜୀବନର ମୌଳିକ ଆବଶ୍ୟକତାକୁ ପୂରଣ କରିପାରନ୍ତି ନାହିଁ, ସେମାନଙ୍କ କ୍ଷେତ୍ରରେ ଚରମ ବା ଉତ୍କଟ ଦାରିଦ୍ର୍ୟ ଦେଖାଯାଏ ବୋଲି କୁହାଯାଏ। ସର୍ବନିମ୍ନ ଖାଦ୍ୟ, ବସ୍ତ୍ର, ବାସଗୃହ ଭିତ୍ତିରେ ଚରମ ଦାରିଦ୍ର୍ୟ ନିର୍ଣ୍ଣୟ ହୋଇଥାଏ। ଏଗୁଡିକର ନିରୂପିତ ମୂଲ୍ୟଠାରୁ କମ୍ ଖର୍ଚ୍ଚ କରିଥିବା ଲୋକମାନଙ୍କୁ ଦାରିଦ୍ର୍ୟର ସୀମାରେଖା ତଳେ ଅଛନ୍ତି ବୋଲି ଧରାଯାଏ। ଆପେକ୍ଷିକ ଦାରିଦ୍ର୍ୟର ଅର୍ଥ ଭିନ୍ନ। ଯେତେବେଳେ ଦୁଇଜଣ ବ୍ୟକ୍ତି ବା ଦୁଇ ଗୋଷ୍ଠୀର ଲୋକମାନଙ୍କର ଆର୍ଥିକ ସ୍ଥିତିକୁ ନେଇ ତୁଳନା କରାଯାଏ, ସେତେବେଳେ ଆମେ ଆପେକ୍ଷିକ ଦାରିଦ୍ର୍ୟ କଥା କହିଥାଉ। ତେଣୁ ଆପେକ୍ଷିକ ଦାରିଦ୍ର୍ୟ କହିଲେ ଆୟର ବୈଷମ୍ୟକୁ ବୁଝାଏ।

ପରିସଂଖ୍ୟାନରୁ ଜଣାଯାଏ, ସାରା ବିଶ୍ୱରେ ଏବେବି ୧.୩ ବିଲିୟନ ବା ୨୨ ପ୍ରତିଶତ ଲୋକ ଚରମ ଦାରିଦ୍ର୍ୟରେ ରହିଛନ୍ତି। ଚରମ ଦାରିଦ୍ର୍ୟ ରହିଥିବା ଦେଶ ମଧ୍ୟରେ ନାଇଜେରିଆରେ ୮୬.୯ ପ୍ରତିଶତ, କଙ୍ଗୋରେ ୬୦.୯ ପ୍ରତିଶତ ଲୋକ ଉତ୍କଟ ଦାରିଦ୍ର୍ୟରେ ରହିଥିବାର ଜଣାଯାଏ। ସେହିପରି କମ୍ ଦାରିଦ୍ର୍ୟ ଥିବା ଦେଶମାନଙ୍କ ମଧ୍ୟରେ କତାର, ମକାଓ, ସିଙ୍ଗାପୁର ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶମାନେ ରହିଛନ୍ତି। ସେହିପରି ମୋଟ ଜାତୀୟ ଉତ୍ପାଦକୁ ହିସାବକୁ ନେଲେ ଆମ ଦେଶ ଭାରତର ସ୍ଥାନ ୧୨୪ରେ ରହିଛି। ସମ୍ପ୍ରତି ମହାମାରୀ କରୋନା ଯୋଗୁଁ ସାରା ବିଶ୍ୱର ଅର୍ଥନୀତି ଧ୍ୱସ୍ତବିଧ୍ୱସ୍ତ। ଶିଳ୍ପ ଜଗତ କୋମାରେ। କୃଷି କ୍ଷେତ୍ରରେ ଅଗ୍ରଗତି ସନ୍ତୋଷଜନକ ନୁହେଁ। ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ମଧ୍ୟ ସ୍ଥାଣୁତା। ଫଳରେ ବିଶ୍ୱ ସମେତ ଆମ ଦେଶରେ ନିଯୁକ୍ତି କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇଛି। ଏଥିପାଇଁ ଦାରିଦ୍ର୍ୟ ହାର ମଧ୍ୟ ବଢିଛି।

ଭାରତ ଭଳି ବିକାଶମୁଖୀ ଦେଶମାନଙ୍କରେ ଦେଖାଦେଇଥିବା ଗଣଦାରିଦ୍ର୍ୟ କାରଣ ସମ୍ପର୍କରେ ବୁଝାଇବାକୁ ଯାଇ ଅର୍ଥଶାସ୍ତ୍ରୀ ରାଗ୍ନାର ନରକ୍ସ କହିଛନ୍ତି-'ଗୋଟିଏ ଦେଶ ଗରିବ କାରଣ ତାହା ଗରିବ'। ଅନ୍ୟ ଅର୍ଥରେ କହିଲେ ଗୋଟିଏ ଦେଶର ଦାରିଦ୍ର୍ୟର କାରଣ ହେଉଛି ସେ ଦେଶର ଦାରିଦ୍ର୍ୟ। ଏହିଦୃଷ୍ଟିରୁ ବିଚାର କଲେ ଦେଶର ଦାରିଦ୍ର୍ୟର କାରଣ ବହୁବିଧ। ଉଭୟ ଚାହିଦା ଓ ଯୋଗାଣ ପାର୍ଶ୍ୱରେ ସ୍ୱଳ୍ପ ମୁଣ୍ଡ ପିଛା ଆୟ, ସ୍ୱଳ୍ପ ଚାହିଦା, ସ୍ୱଳ୍ପ ସଂଚୟ, ସ୍ୱଳ୍ପ ନିବେଶ ଦାରିଦ୍ର୍ୟର କରାଳଚକ୍ର ସୃଷ୍ଟି କରୁଛି। ଏଥିପାଇଁ ସ୍ୱଳ୍ପ ଉତ୍ପାଦନ ସହିତ ମୁଣ୍ଡପିଛା ଆୟ ହ୍ରାସ ପାଉଛି। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଆମ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଲୋକଙ୍କ ସଂଖ୍ୟା ୧୯୯୩-୯୪ ମୋଟ ଜନସଂଖ୍ୟାର ୪୫.୩ ପ୍ରତିଶତ ଥିଲା, ଯାହାକି ୨୦୦୪-୦୫ ବେଳକୁ ୩୭.୨ ପ୍ରତିଶତକୁ ହ୍ରାସ ପାଇଥିଲା। ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ଅନୁପାତ ସେହି ସମୟ ମଧ୍ୟରେ ୫୦.୧ପ୍ରତିଶତରୁ ୪୧.୮ ପ୍ରତିଶତକୁ ହ୍ରାସ ପାଇଥିଲା। ସହରାଞ୍ଚଳରେ ଏହି ଅନୁପାତ ୧୯୯୩-୯୪ରୁ ୩୧.୮ ପ୍ରତିଶତରୁ, ୨୦୦୪-୦୫ରେ ୨୫.୭ ପ୍ରତିଶତକୁ ହ୍ରାସ ପାଇଥିଲା। ୨୦୧୧-୧୨ ବେଳକୁ ଦେଶର ମୋଟ ଦାରିଦ୍ର୍ୟ ହାର ୨୧.୯ ପ୍ରତିଶତକୁ ହ୍ରାସ ପାଇଥିଲା। ସଂଖ୍ୟାନୁସାରେ ଏହି ସମୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୪୧ କୋଟିରୁ ୨୭ କୋଟିକୁ ହ୍ରାସ ପାଇଥିଲା। ତେବେ ଏହି ତଥ୍ୟ ସୁରେଶ ତେନ୍ଦୁଲକର କମିଟି ଆଧାରରେ ଦିଆଯାଇଛି। କିନ୍ତୁ ଶ୍ରୀ ରଙ୍ଗରାଜନଙ୍କ କମିଟି ରିପୋର୍ଟରେ ଦେଶର ଦାରିଦ୍ର୍ୟ ହାର ୨୯.୬ ପ୍ରତିଶତ ବୋଲି କଳନା କରାଯାଇଛି।

ଦାରିଦ୍ର୍ୟ ହିଁ କ୍ଷୁଧାର ପ୍ରମୁଖ କାରଣ। ନିକଟରେ ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି। ବିଶ୍ୱର ୧୦୭ଟି ଦେଶକୁ ନେଇ କରାଯାଇଥିବା କ୍ଷୁଧା ସୂଚକାଙ୍କ ତାଲିକାରେ ଭାରତ ୯୪ତମ ସ୍ଥାନରେ ରହିଛି। ଏପରିକି ପଡୋଶୀ ବାଂଲାଦେଶ, ପାକିସ୍ତାନ, ଶ୍ରୀଲଙ୍କା ଓ ନେପାଳଠାରୁ ବି ପଛରେ ରହିଛି ଆମ ଦେଶ। ଭାରତରେ ଏଭଳି ନୈରାଶ୍ୟ ପ୍ରଦର୍ଶନ ପାଇଁ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଓ ଉପଯୁକ୍ତ ତଦାରଖ ଅଭାବକୁ ଦାୟୀ କରାଯାଇଛି। ଏପରିକି ଭାରତର ଜନସଂଖ୍ୟାର ୧୪ ପ୍ରତିଶତ ଲୋକ କୁପୋଷଣର ଶିକାର ହେଉଛନ୍ତି ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି।

ଭବିଷ୍ୟତରେ ଦାରିଦ୍ର୍ୟର ରୂପରେଖ କ'ଣ ହେବ ତାହା ଏବେଠାରୁ ଆକଳନ କରିବା କଷ୍ଟସାଧ୍ୟ। ୯୦ ଦଶକ ପରେ ପ୍ରଥମଥର ପାଇଁ ଏହି ଆର୍ଥିକ ସଂକଟ ଦେଖିବାକୁ ମିଳିଛି। ଦେଶର ମଧ୍ୟମ ବର୍ଗ ହେଉଛନ୍ତି ବଡ ଉପଭୋକ୍ତା। ସେମାନଙ୍କ ସଂଖ୍ୟା ହ୍ରାସ ହେବା ଦେଶ ପାଇଁ ଶୁଭସୂଚନା ନୁହେଁ। ମହାମାରୀ ଦେଶରେ ଥିବା ଧନୀବର୍ଗଙ୍କ ଉପରେ ବିଶେଷ ପ୍ରଭାବ ପକାଇନାହିଁ। ଧନଶାଳୀ ବର୍ଗଙ୍କ ସମ୍ପତ୍ତିରେ ୩୫ ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଛି। ସର୍ବାଧିକ କୋଟିପତି ଥିବା ତାଲିକାରେ ଆମେରିକା, ଜର୍ମାନୀ, ଚୀନ, ଋଷ, ଫ୍ରାନ୍ସ ପରେ ଭାରତ ଷଷ୍ଠ ସ୍ଥାନରେ ରହିଛି। ତେଣୁ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ସଫଳତା ପାଇଁ ନୂତନ ଆର୍ଥିକ ସଂସ୍କାର ନୀତି ସହିତ ଗ୍ରାମ୍ୟ ଉନ୍ନୟନ ବିଶେଷକରି କୃଷି, କ୍ଷୁଦ୍ରଶିଳ୍ପ ଓ କୁଟୀର ଶିଳ୍ପ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଉଚିତ।

**ହିମାଂଶୁଶେଖର ଆଚାର୍ଯ୍ୟ**, ଅବସରପ୍ରାପ୍ତ ଅଧ୍ୟାପକ, ତିର୍ତ୍ତୋଲ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨

## ଆଜିର ଅନୁଚିନ୍ତା

ବାଲି ଯେପରି ରୁକ୍ଷ ଓ କର୍କଶ, ଅଶିକ୍ଷ ମନୁଷ୍ୟ ସେହିପରି ରୁକ୍ଷ ଓ କର୍କଶ ହୋଇଥାଏ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।
E-mail: editorpbkc@gmail.com
9853400829 (M), Fax: 0674-2550504

# ମୋ ବସ୍‌କୁ ଜାତିସଂଘ ପୁରସ୍କାର

ସୌମେନ୍ଦ୍ର ଜେନା



ଓଡ଼ିଶା ପାଇଁ ଖୁସିର ଖବର ହେଉଛି ରାଜ୍ୟର ସହରାଞ୍ଚଳ ବସ୍ ସେବା ମଧ୍ୟରୁ ପୁରୀ-ଭୁବନେଶ୍ୱର-ଖୋର୍ଦ୍ଧା-କଟକ ମଧ୍ୟରେ ଚାଲୁଥିବା ମୋ ବସ୍ ସେବାକୁ ଆନ୍ତର୍ଜାତିକ ସ୍ତରରେ ସମ୍ମାନ ମିଳିବା। ଜାତିସଂଘର ସାଧାରଣ ସେବା ପ୍ରକଳ୍ପ ମଧ୍ୟରେ ପୃଥିବୀର ଭିନ୍ନ ଭିନ୍ନ ଦେଶରୁ ମୋଟ ୧୦ଟି ସଂସ୍ଥାକୁ ନିକଟରେ ପୁରସ୍କାର ପାଇଁ ଚୟନ କରାଯାଇଛି। ତନ୍ମଧ୍ୟରେ ବ୍ରାଜିଲ, କାନାଡା, ଭାରତ, ପାନାମା, ଆୟର୍ଲାଣ୍ଡ, ଥାଇଲାଣ୍ଡ, ଫିଲିପାଇନ୍ସ, ପୋଲାଣ୍ଡ, ସାଉଦି ଆରବ, ୟୁକ୍ରେନ ଦେଶର ନାମ ରହିଛି। ଭାରତରୁ ଏକମାତ୍ର ମୋ ବସ୍‌କୁ ଏହି ପୁରସ୍କାର ପାଇଁ ବଛାଯିବା ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ନିଶ୍ଚୟ।

ଏକଥା ସତ ଯେ କୋରୋନା ସମୟରେ ନାନାବିଧ ଅସୁବିଧା, ତୈଳଦର ବୃଦ୍ଧି ସତ୍ତ୍ୱେ ଏହି ସେବାରେ କୌଣସି ପ୍ରକାର ଫରକ୍ ଆସିନାହିଁ। ସେବା କ୍ଷେତ୍ରର ଟିକଟ ଦର ବୃଦ୍ଧି ନକରି ଏହି ସେବା ଯାତ୍ରୀମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇଛି। ଫଳରେ ସହରାଞ୍ଚଳର ୫୭ ପ୍ରତିଶତ ଯାତ୍ରୀ ଏଥିରୁ ଉପକୃତ ହେଉଛନ୍ତି। ଜାତିସଂଘର ଆର୍ଥିକ ଏବଂ ସାମାଜିକ ବ୍ୟାପାର ବିଭାଗ ପକ୍ଷରୁ ପ୍ରଦତ୍ତ ଏହି ପୁରସ୍କାର ମୋ ବସ୍‌ର ପରିଚାଳନା ବୁଝୁଥିବା ସଂସ୍ଥା କ୍ରୁଟକୁ (କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ) ପ୍ରଦାନ କରାଯାଇଛି। ୨୦୨୨ର ଏହି ପୁରସ୍କାରକୁ ଜାତିସଂଘର ଅନୁଶାସନ ସାଧାରଣ ସଚିବ ଲିଉ ଝେନମିନ୍ ଘୋଷଣା କରିଛନ୍ତି। ୨୦୦୩ରୁ ଏହି ପୁରସ୍କାର ଦିଆଯାଇଆସୁଛି। ନିରନ୍ତର ବିକାଶ କ୍ଷେତ୍ରରେ ସର୍ବଶ୍ରେଷ୍ଠ ୧୦ ଉଦ୍ୟମକୁ ସ୍ୱୀକୃତି ଦେବାଲାଗି ଏହି ପ୍ରୋତ୍ସାହନର ପ୍ରୟାସ ହୋଇଛି। ଜାତିସଂଘ ପକ୍ଷରୁ ସାର୍ବଜନୀନ ସେବାରେ ରଚନାତ୍ମକ ସଫଳତା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଉଛି। ୨୩ ଜୁନ୍ ୨୦୨୨ ଦିନ ଜାତିସଂଘ ସାଧାରଣ ସେବା ଦିବସ ଅବସରରେ ଏହି ପୁରସ୍କାର ଘୋଷଣା କରାଯାଇଛି। କ୍ରୁଟକୁ ଏହି ପୁରସ୍କାର ଦେବା ପଛରେ ସାଧାରଣ ସେବା ପ୍ରଦାନ ବେଳେ ଲିଙ୍ଗଗତ ସମାନତାକୁ ଜୋର ଦେଇ ନିରନ୍ତର ବିକାଶର ଲକ୍ଷ୍ୟ ହାସଲ କରିବା ଦିଗରେ କାର୍ଯ୍ୟକରିବା ସମୟରେ ଅତ୍ୟାଧୁନିକ ଟେକ୍‌ନୋଲୋଜିର ବ୍ୟବହାର, ସମାଜର ବଞ୍ଚିତ ବର୍ଗକୁ ଗୁରୁତ୍ୱ ପ୍ରଦାନ କରିଥିବା କାରଣ ରହିଛି।

ଭୁବନେଶ୍ୱର-ଖୋର୍ଦ୍ଧା ଏବଂ କଟକ ପରି ମହାନଗର ଅନ୍ତର୍ଗତ ଅଞ୍ଚଳ ସହ ପୁରୀର ଯାତ୍ରୀ ପରିବହନକୁ ସୁଦୃଢ କରିବା, ବିଶ୍ୱସନୀୟ ଏବଂ ଏକୀକୃତ ବସ୍‌ସେବା ଯୋଗାଇଦେବା ଲକ୍ଷ୍ୟରେ ୪ ମଇ ୨୦୧୮ରେ କ୍ରୁଟ ଆରମ୍ଭ ହୋଇ ୬ ନଭେମ୍ବର ୨୦୧୮ରେ ମୋ ବସ୍ ସେବାର ଆରମ୍ଭ କରିଥିଲା। ଏହି ବସ୍ ସେବା କ୍ଷେତ୍ରରେ ନିର୍ଦ୍ଦିଷ୍ଟ ସମୟରେ ବସ୍ ଚଳାଚଳ, ସିସିଟିଭି କ୍ୟାମେରା ବ୍ୟବସ୍ଥା, ଇ-ଟିକେଟ୍ ପ୍ରଦାନ, ଗାଡି ଟ୍ରାକିଂ ବ୍ୟବସ୍ଥା, ଇଲେକଟ୍ରୋନିକ୍ ଘୋଷଣା, ୱାଇଫାଇ ସେବା, ୪୦ ପ୍ରତିଶତ ମହିଳା କଣ୍ଡକ୍ଟରଙ୍କୁ ନିଯୁକ୍ତି ଦେବା ପରି ଉତ୍ତମ ପଦକ୍ଷେପ ଲୋକସେବା କ୍ଷେତ୍ରରେ ପ୍ରୟୋଗ କରି କ୍ରୁଟ ଅନ୍ୟମାନଙ୍କଠାରୁ ନିଜକୁ ସ୍ୱତନ୍ତ୍ର କରି ଗଢି ତୋଳିଛି। ଏଥିରେ ବୟସ୍କଙ୍କୁ ୫୦ ପ୍ରତିଶତ ରିହାତି, ଦିବ୍ୟାଙ୍ଗଙ୍କୁ ମାଗଣା ଯାତ୍ରାର ସୁବିଧା ପ୍ରଦାନ କରାଯାଇଛି। ବସ୍ ମଧ୍ୟରେ ବୟସ୍କ, ଦିବ୍ୟାଙ୍ଗ ଏବଂ ମହିଳା ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ସିଟର ସୁବିଧା କରାଯାଇଛି। ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କୁ ଜାଣିବା ପାଇଁ ୟୁନିଫର୍ମର ବ୍ୟବସ୍ଥା ରହିଛି। କ୍ରୁଟର ପ୍ରାୟ ୩୧୦ ବସ୍‌ସେବା ମାଧ୍ୟମରେ ଦୈନିକ ୩୨୦୦୦ ଲୋକେ ଯାତ୍ରା କରୁଛନ୍ତି। ସଂସ୍ଥା ପକ୍ଷରୁ ଚାଲୁଥିବା ଇ-ରିକ୍ସା କ୍ଷେତ୍ରରେ ୧୦୦ ପ୍ରତିଶତ ମହିଳା ଏବଂ କିନ୍ନରଙ୍କୁ ନିଯୁକ୍ତି ଦେଇ କ୍ରୁଟ ଉଦାହରଣ ସୃଷ୍ଟି କରିପାରିଛି। ଉତ୍ତମ ସେବା ଯୋଗାଣ ଏବଂ ଡିଜିଟାଲ ପେମେଣ୍ଟ ପାଇଁ ସ୍ୱତନ୍ତ୍ର ଆପର ବ୍ୟବସ୍ଥା ହୋଇଛି। ପୁରୀ, କୋଣାର୍କ, ଖଣ୍ଡଗିରି, ଲିଙ୍ଗରାଜ ମନ୍ଦିର, ନନ୍ଦନକାନନ, ବାରବାଟୀ ଦୁର୍ଗ ପରି ଐତିହାସିକ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଯୋଡି ବସ୍‌ସେବା ପ୍ରଦାନ କରାଯାଉଥିବା ହେତୁ ସହରାଞ୍ଚଳ ଲୋକେ ନିଜସ୍ୱ ଗାଡିର ବ୍ୟବହାର କମ୍ କରିଛନ୍ତି। ଫଳରେ ସହରାଞ୍ଚଳରେ ୩୦ରୁ ୫୦ପ୍ରତିଶତ ପର୍ଯ୍ୟନ୍ତ ପ୍ରଦୂଷଣ ହ୍ରାସ ପାଇଛି। ପ୍ରଥମେ ଭୁବନେଶ୍ୱର-ପୁରୀ ମଧ୍ୟରେ ବସ୍‌ସେବା ଯୋଗାଣ ଏହାର ଲକ୍ଷ୍ୟ ଥିଲେ ହେଁ ଏହି ସେବା ଅଧିକରୁ ଅଧିକ ସ୍ଥାନକୁ ଯୋଡିବାରେ ସକ୍ଷମ ହୋଇଛି, ଲୋକମାନଙ୍କର ବିଶ୍ୱାସ ଅର୍ଜନ କରିପାରିଛି। ଉତ୍ତମ ମାନର ବସ୍ ରହଣି ସ୍ଥାନରେ ଆଲୋକର ବ୍ୟବସ୍ଥା, ବସ୍ ଚଳାଚଳ ସଂପର୍କୀତ ରୁଟ୍‌ର ସୂଚନା ଫଳକ ଆଦି ରହିବା ଫଳରେ ଲୋକେ ନିଜ ନିଜର ସୁବିଧା ମୁତାବକ ଯାତ୍ରା କରିବାକୁ ସକ୍ଷମ ହେଉଛନ୍ତି। ଏହି ବସ୍‌ସେବା ଯୋଗୁ ସଂଖ୍ୟାଧିକ ବେସରକାରୀ ପୁରୁଣା ବସ୍ ଯାହା ପୂର୍ବରୁ ଚଳାଚଳ କରୁଥିଲା ସେସବୁ ବନ୍ଦ ହୋଇଯାଇଛି। ମୋ ବସ୍ ଚଳାଚଳ କରିବାର ପ୍ରଥମାବସ୍ଥାରେ ଭିନ୍ନ ଭିନ୍ନ ସ୍ଥାନରେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ଲୋକେ ପ୍ରତିବନ୍ଧକ ସୃଷ୍ଟି କରି ଆଇନ- କାନୁନ ସମସ୍ୟା ମାଧ୍ୟମରେ ପ୍ରତିବନ୍ଧକ ଆଣିଥିଲେ ମଧ୍ୟ ସଂସ୍ଥା ସମସ୍ତ ପ୍ରକାର ପରିସ୍ଥିତିର ସମ୍ମୁଖୀନ ହୋଇ ନିରନ୍ତର ସେବା ଯୋଗାଇଦେଇ ପ୍ରଶଂସାର ପାତ୍ର ହୋଇଛି। ବସ୍‌ଗୁଡିକର ଭିନ୍ନ ଭିନ୍ନ ସ୍ଥାନରେ ରାତ୍ରୀ ରହଣି ପାଇଁ ଡିପୋର ବ୍ୟବସ୍ଥା କରାଯାଇଛି। ଭୋର ସମୟରୁ ରାତି ୯ଟା ପର୍ଯ୍ୟନ୍ତ ଏହି ସେବା ଦ୍ୱାରା ବହୁ ଲୋକେ ଉପକୃତ ହେଉଛନ୍ତି। ସହରର କୋଣାନୁକୋଣକୁ ବସ୍ ସଂଯୋଗ କରାଯିବା ଦ୍ୱାରା ନୂଆ ଜନବସତି ଗଢିଉଠିଛି। କ୍ରୁଟ ପକ୍ଷରୁ ଭିନ୍ନ ଭିନ୍ନ ବସ୍ ରୁଟ ଯୋଗେ ଯେଉଁସବୁ ଯୋଗାଯୋଗ ମାର୍ଗ ପ୍ରସ୍ତୁତ କରାଯାଇଛି, ତାହା ଏହିପରି—ରୁଟ ନଂ ୧୦-ଭୁବନେଶ୍ୱର ବିମାନ ବନ୍ଦରରୁ କଟକ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ପାର୍କ (ଭାୟା ନନ୍ଦନକାନନ)। ରୁଟ ନଂ ୧୧-ନନ୍ଦନ ବିହାରରୁ ଭୁବନେଶ୍ୱର ରେଳଷ୍ଟେସନ। ରୁଟ ୧୨-ଭୁବନେଶ୍ୱର ରେଳଷ୍ଟେସନରୁ ନନ୍ଦନକାନନ। ରୁଟ ୧୩-ନନ୍ଦନବିହାରରୁ ଲିଙ୍ଗିପୁର, ରୁଟ ୧୬-ଭୁବନେଶ୍ୱର ରେଳଷ୍ଟେସନରୁ କଟକର ବିଜୁ ପଟ୍ଟନାୟକ ପାର୍କ। ରୁଟ ୧୭-ବିମାନବନ୍ଦର-ବାରବାଟୀ ଷ୍ଟାଡିୟମ୍, ରୁଟ ୧୮-ବରମୁଣ୍ଡାରୁ ଜଗତପୁର (ନନ୍ଦନକାନନ)। ରୁଟ ୧୯-ଏମ୍ସରୁ ଓଏମ୍‌ପି ଛକ। ରୁଟ୍ ୨୦- ଭୁବନେଶ୍ୱର ରେଳଷ୍ଟେସନ-ଖୋର୍ଦ୍ଧା ଭାୟା ବାଣୀବିହାର। ରୁଟ-୨୧ ରେଳଷ୍ଟେସନ-ଖୋର୍ଦ୍ଧା (ଭାୟା ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)। ରୁଟ- ୨୨ ଭୁବନେଶ୍ୱର ରେଳଷ୍ଟେସନ-ଖୋର୍ଦ୍ଧା (ଜଟଣୀ)। ରୁଟ ୨୩- ରେଳଷ୍ଟେସନରୁ ସମ୍ ହସ୍‌ପଟାଲ। ରୁଟ ୨୪-ସାଇମନ୍ଦିର-କଳିଙ୍ଗ ବିହାର। ରୁଟ୍ ୨୫-ମଞ୍ଚେଶ୍ୱରରୁ ଡୁମୁଡୁମା (ରଣସିଂହପୁର)। ରୁଟ ୨୬-ଚକେଇସିଆଣିରୁ ଡୁମଡୁମା (ଯଦୁପୁର)। ରୁଟ-୨୭ ଷ୍ଟେସନରୁ ଏମ୍ସ। ରୁଟ୍ ୨୮-ଷ୍ଟେସନରୁ କଳିଙ୍ଗନଗର। ରୁଟ୍ ୨୯ କଳିଙ୍ଗ ବିହାର (କେ ୯ ବି)- ସାଇମନ୍ଦିର। ରୁଟ ୨୯ଇ- କଳିଙ୍ଗ ବିହାରରୁ ଏସ୍‌ବିଆଇ କଲୋନୀ (କେଶୁରା)। ରୁଟ-୩୦ ଷ୍ଟେସନରୁ ଛତାବର (ସମ ହସପିଟାଲ)। ରୁଟ୍ ୩୧-ଷ୍ଟେସନ-ହାଇଟେକ ହସପିଟାଲ। ରୁଟ ୩୨-ବରମୁଣ୍ଡାରୁ ଲିଙ୍ଗରାଜ ମନ୍ଦିର। ରୁଟ ୩୩-ଷ୍ଟେସନ-ପିପିଲି। ରୁଟ ୩୪- ଷ୍ଟେସନ-ବାଲକାଟୀ। ରୁଟ୍ ୫୦-ଷ୍ଟେସନରୁ ପୁରୀ। ରୁଟ ୫୧-ବରମୁଣ୍ଡା ବସ୍‌ଷ୍ଟାଣ୍ଡ-ପୁରୀ। ରୁଟ ୭୦- ବରମୁଣ୍ଡାରୁ-କୋଣାର୍କ। ଭୁବନେଶ୍ୱର ରେଳଷ୍ଟେସନ ନିକଟରେ ମୋ ବସ୍‌ର ମୁଖ୍ୟ ବସ୍‌ଷ୍ଟାଣ୍ଡ ରହିଛି। ଷ୍ଟେସନ କହିଲେ ଭୁବନେଶ୍ୱର ରେଳଷ୍ଟେସନକୁ ହିଁ ବୁଝିବାକୁ ହେବ।





କ୍ରୁଟର ବସ୍‌ସେବାକୁ ରାଜ୍ୟର ଅନ୍ୟାନ୍ୟ ସହରାଞ୍ଚଳକୁ ପରିବ୍ୟାପ୍ତ କରାଯିବା ସହ ଉନ୍ନତମାନର ବସ୍‌ସେବା ଯୋଗାଇଦେବା ପାଇଁ ପ୍ରୟାସ କରାଯିବା ଦରକାର। ଅନ୍ୟାନ୍ୟ ସହରାଞ୍ଚଳରେ ପ୍ରଥମେ ପ୍ରଥମେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ପ୍ରଥମେ ସମସ୍ୟା ସୃଷ୍ଟି କରିପାରନ୍ତି, ପ୍ରତିବନ୍ଧକ ଛିଡା କରିପାରନ୍ତି। ରାଜ୍ୟ ସରକାର ଲୋକସେବାକୁ ଅଧିକ ଗୁରୁତ୍ୱ ଦେଇ ଏହି ସୁବିଧାକୁ ରାଜ୍ୟର ସହରାଞ୍ଚଳରେ ପରିବ୍ୟାପ୍ତ କରାଇଲେ ନାଗରିକମାନେ ଉତ୍ତମ ସେବା ଲାଭ କରିବା ସହ ପ୍ରଦୂଷଣ ହ୍ରାସ ପାଇବ। ଜିଲ୍ଲା ପ୍ରଶାସନ ଏବଂ ଜନସାଧାରଣ ଏହି ବସ୍ ଚଳାଚଳରେ ସହଯୋଗ କଲେ ରାଜ୍ୟର ଗମନାଗମନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ, ଏଥିରେ ସନ୍ଦେହ ନାହିଁ।

-ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# 'ସ୍ୱ' ଜାଗରଣ ଓ ସ୍ୱତନ୍ତ୍ରତା

ଅନାଦୀ ଅନନ୍ତ କାଳରୁ ଭାରତରେ 'ସ୍ୱ' ଜାଗରଣର ପରମ୍ପରା ପ୍ରଚଳିତ ହୋଇ ଆସିଛି। ଭାରତବର୍ଷର 'ସ୍ୱ'ଅବବୋଧ ପାଇଁ ଭାରତୀୟ ମନିଷୀମାନେ ଅନବରତ ଓ ଅଖଣ୍ଡ ପ୍ରୟାସ କରି ଆସିଛନ୍ତି। ଯେଉଁ କାଳଖଣ୍ଡରେ ଭାରତର 'ସ୍ୱ'ଅବବୋଧ ଦୁଃବଳ ହୋଇଛି ସେହି ସମୟରେ ଆମ ରାଷ୍ଟ୍ର ଉପରେ ବିପଦର କଳାବାଦଲ ଛାଇ ଯାଇଛି। ଆମର 'ସ୍ୱ'ବୋଧ ଆମ ସଭ୍ୟତାକୁ ଅନନ୍ତ ଶକ୍ତି ପ୍ରଦାନ କରିବା ସହ ଅମରତ୍ୱ ପ୍ରଦାନ କରିଛି। ଆମର 'ସ୍ୱ'ଆମର ପରିଚୟ। 'ସ୍ୱ'ରାଷ୍ଟ୍ରର ପ୍ରତ୍ୟକ ଘଟକକୁ ଏକ ସୂତ୍ରରେ ବାନ୍ଧି ରଖିଥାଏ। ରାଷ୍ଟ୍ରଜୀବନକୁ ସୁରକ୍ଷିତ କରିବା ଅର୍ଥ ଆମର 'ସ୍ୱ'କୁ ସୁରକ୍ଷିତ କରିବା।

ଭାରତ ବର୍ଷର 'ସ୍ୱ' ହେଉଛି ଭାରତୀୟ ଜୀବନ ପଦ୍ଧତି ଅର୍ଥାତ ଭାରତର ମୂଳ ଧର୍ମ ଓ ସଂସ୍କୃତି। ଗୋଟିଏ ଶବ୍ଦରେ କହିବାକୁ ଗଲେ ତାହା ହେବ ଆଧାତ୍ମିକତା। କେହି କେବେ ଏହାକୁ ହିନ୍ଦୁତ୍ୱ, ରାଷ୍ଟ୍ରୀୟତ୍ୱ କିମ୍ବା ଭାରତୀୟତ୍ୱ ନାମରେ ସମ୍ବୋଧନ କରିଥାନ୍ତି। ଆମ ରାଷ୍ଟ୍ରଜୀବନ ଓ ସମାଜ ଜୀବନର କେନ୍ଦ୍ରରେ ଅଛି ଏହି ଆଧାତ୍ମିକତା। ଯାହାକୁ ଆମେ ଧର୍ମ ବୋଲି କହିଥାଉ। ଉଚ୍ଚତମ ନ୍ୟାୟାଳୟ ଭାଷାରେ ଏହା ଏକ ବିଶେଷ ଜୀବନ ପଦ୍ଧତି। ଉଚ୍ଚତମ ନ୍ୟାୟାଳୟର ଧ୍ୟେୟବାକ୍ୟ ହେଉଛି 'ଯତୋ ଧର୍ମ ସ୍ତତୋ ଜୟ'। ଲୋକସଭାର ବାଚସ୍ପତିଙ୍କ ବସିବା ସ୍ଥାନରେ ଲେଖାଯାଇଛି 'ଧର୍ମ ଚକ୍ର ପ୍ରବର୍ତନାୟ'।

ବ୍ରିଟେନର ରାଷ୍ଟ୍ରଜୀବନର କେନ୍ଦ୍ରରେ ଅଛି ସେ ଦେଶର ବାଣିଜ୍ୟ ଓ ବ୍ୟବସାୟ। ବ୍ରିଟେନର ଅର୍ଥ ବ୍ୟବସ୍ଥା ଓ ବାଣିଜ୍ୟ ଉପରେ କେହି କେବେ ଯଦି ଆଘାତ କରେ ସେ ଦେଶରେ ପ୍ରବଳ ପ୍ରତିକ୍ରିୟା ତିଆରି ହେବ। ସଂପୂର୍ଣ୍ଣ ଦେଶ ଏକଜୁଟ ହୋଇ ସ୍ୱର ଉତୋଳନ କରିବ। ଫ୍ରାନସ ରାଷ୍ଟ୍ରଜୀବନର କେନ୍ଦ୍ର ହେଉଛି ରାଜନୀତି ବା ରାଜସତା। ଫ୍ରାନ୍ସର ରାଜସତା ଉପରେ କେହି କେବେ ଆକ୍ରମଣ କଲେ ସେ ଦେଶ ସଂପୂର୍ଣ୍ଣ ରକ୍ତମୁଖା ହୋଇଉଠିବ। ଅନେକ ବର୍ଷ ଧରି ଭାରତ ଓ ପାଶ୍ଚାତ୍ୟ ସଭ୍ୟତା ଭିତରେ ସଂଘର୍ଷ ଜାରି ରହିଛି। ପାଶ୍ଚାତ୍ୟ ଜଗତ ଅର୍ଥ ଓ ବାହୁବଳରେ ଭାରତକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛି। ଭାରତ ହଜାର ହଜାର ବର୍ଷ ଧରି ଆଧାତ୍ମଶକ୍ତି ମାଧ୍ୟମରେ ପାଶ୍ଚାତ୍ୟ ଜଗତକୁ ପ୍ରଭାବିତ କରି ଆସୁଛି।

ଭାରତବର୍ଷକୁ ଅନେକ ବିଦେଶୀ ଆକ୍ରମଣକାରୀ ଆସିଛନ୍ତି। ଏଠାରେ ଶାସନ କରିଛନ୍ତି। କାଳକ୍ରମେ ସେମାନେ ଭାରତୀୟ ସଭ୍ୟତା ଭିତରେ ବିଲିନ ହୋଇଯାଇଛନ୍ତି। ସେମାନେ ଆମର 'ସ୍ୱ'କୁ ଆଦରି ନେଇଛନ୍ତି ଏବଂ ଆମେ ସେମାନଙ୍କୁ ଆଦରି ନେଇଛୁ। ଶକ୍, ହୁନ, ତାତାର ଏମାନେ ଭାରତ ଭିତରେ ବିଲିନ ହୋଇଯାଇଛନ୍ତି। ସେମାନଙ୍କ ସମୟରେ ଭାରତର 'ସ୍ୱ' ଅର୍ଥାତ ଆଧାତ୍ମଶକ୍ତି ଉଚ୍ଚ ସ୍ତରରେ ଥିଲା।

ସେମାନେ ଭାରତବର୍ଷର ଆଧାତ୍ମ ଶକ୍ତି ଉପରେ ଆକ୍ରମଣ କରି ନଥିଲେ। ଆକ୍ରମଣ କେବଳ ରାଜସତା ଉପରେ କରିଥିଲେ। ଲଢେଇ କେବଳ ରାଜଶକ୍ତି ଭିତରେ ସୀମିତ ଥିଲା। ଗ୍ରୀକ୍‌ମାନେ ଆଲେକଜାଣ୍ଡାରଙ୍କ ନେତୃତ୍ୱରେ ଭାରତ ଉପରେ ଆକ୍ରମଣ କଲେ। ତାହା କେବଳ ରାଜସତାର ଲଢେଇ ଥିଲା। ଏମାନଙ୍କ ଭିତରୁ କିଛି ପ୍ରତ୍ୟାବର୍ତନ କଲେ। ଆଉ କିଛି ଭାରତୀୟ ଜୀବନ ପଦ୍ଧତିକୁ ଆଦରି ନେଲେ।

ଆମର ଧର୍ମ ଓ ସଂସ୍କୃତି ଉପରେ ପ୍ରଥମ ଥର ପାଇଁ ମୋଗଲ ଓ ପଠାଣମାନଙ୍କ ଦ୍ୱାରା ଆକ୍ରମଣ ହେଲା। ସେମାନେ ରାଜସତା ସହ ଲଢେଇ କରି ବିଜୟୀ ହେବା ପରେ ଭାରତର ଧର୍ମ ସଂସ୍କୃତି ଉପରେ ଆକ୍ରମଣ କଲେ। ସେମାନଙ୍କ କାଳଖଣ୍ଡରେ ଭାରତର ଧର୍ମ ଓ ସଂସ୍କୃତି ଅନେକାଂଶରେ ଦୁର୍ବଳ ହେବା ଆରମ୍ଭ କଲା। ରାଜାମାନେ ପରାଜିତ ହୋଇଗଲେ ସତ ଧର୍ମ ଓ ସଂସ୍କୃତି ଉପରେ ଆକ୍ରମଣ ହେବାରୁ ଆମ ରାଷ୍ଟ୍ର ଜୀବନ ଦୁର୍ବଳ ହୋଇଗଲା। ସମାଜ ଏକତ୍ରୀତ ହୋଇ ପ୍ରତିରୋଧ କରିବା ଆରମ୍ଭ କଲା। 'ସ୍ୱ'ର ସୁରକ୍ଷା ପାଇଁ ସମାଜର ସବୁ ବର୍ଗର ଲୋକ ସଂଘର୍ଷ କରିବାକୁ ଆଗେଇ ଆସିଲେ। ଦେବଳ ମହର୍ଷି, ଗୁରୁ ତେଗବାହାଦୂର, ଗୁରୁ ରାମଦାସ, ବିଦାରଣ୍ୟସ୍ୱାମୀ, ଗୁରୁ ଗୋବିନ୍ଦ ସିଂ ଓ ସନ୍ନ୍ୟାସୀ ସଂପ୍ରଦାୟ ଭଳି ନେତୃତ୍ୱ ସମାଜ ଭିତରେ 'ସ୍ୱ' ଜାଗରଣର ନୂତନ ପର୍ବ ଆରମ୍ଭ କଲେ। ସେମାନଙ୍କ ପ୍ରଭାବରେ ହରିହର-ବୁକ୍‌କା ରାୟ, ଛତ୍ରପତି ଶିବାଜୀ, ବପାରାଓଳ, ବନ୍ଦାବୈରାଗୀଙ୍କ ଭଳି ନୂତନ ଶକ୍ତି ଆକ୍ରମଣକାରୀଙ୍କୁ ପରାଜିତ କରିବା ପାଇଁ ସାମ୍ନାକୁ ଆସିଲା। ଭାରତର 'ସ୍ୱ' ଉପରେ ଆଘାତକୁ ସଂପୂର୍ଣ୍ଣ ରାଷ୍ଟ୍ର ନିଜର ସାମର୍ଥ୍ୟ ମୁତାବକ ବିରୋଧ କଲା। ଭାରତର କୋଣ ଅନୁକୋଣରେ ବିରୋଧର ଅଗ୍ନୀ ଜଳି ଉଠିଲା। ଏହି ବୀରପୁରଷମାନଙ୍କ ଆଘାତରେ ଆଉରଙ୍ଗଜେବ ଭଳି ବିଶାଳ ସେନା ବାହିନୀର ନେତା ଦକ୍ଷିଣରେ ଦୟନୀୟଭାବେ ମୃତ୍ୟୁବରଣ କଲା। ମୋଗଲ ଶାସନ ସମାପ୍ତ ହୋଇ ଆସୁଥିଲା। ଆମର 'ସ୍ୱ' ଜାଗରଣ ଶକ୍ତିଶାଳୀ ହେବାକୁ ଆରମ୍ଭ କରିଥିଲା। ଠିକ୍ ସେହି ସମୟରେ 'ବିଭାଜନ କର ଓ ଶାସନ କର' ଏପରି ଏକ ନୂତନ ଅସ୍ତ୍ରରେ ଇଂରେଜମାନେ ଭାରତକୁ ଅଧିକାର କରିବା ଆରମ୍ଭ କରିଦେଲେ।

ଇଂରେଜମାନେ ଆରମ୍ଭରେ ଭାରତୀୟମାନଙ୍କୁ ଆଶ୍ୱାସନା ଦେଲେ ଯେ, ସେମାନେ କେବଳ ବ୍ୟବସାୟ ପାଇଁ ଆସିଛନ୍ତି, ତାଙ୍କର ରାଜସତା ଅଧିକାର କରିବାର ଇଚ୍ଛା ନାହିଁ। ଭାରତୀୟ ରାଜାମାନେ ସେମାନଙ୍କ କଥାରେ ବିଶ୍ୱାସ କରି ପରାଜିତ ହେଲେ। ଇଂରେଜମାନଙ୍କ ସହଯୋଗ ନେଇ କିଛି ରାଜା ନିଜ ଭିତରେ ଲଢି ସମାପ୍ତ ହୋଇଗଲେ।

ଭାରତୀୟ ସତା ହାତକୁ ଆସିବା ପରେ ଇଂରେଜମାନେ ଭାରତର ଧର୍ମ ଓ ସଂସ୍କୃତି ଉପରେ ଆକ୍ରମଣ କରିଦେଲେ। ମାକେଲ ଭାରତର 'ସ୍ୱ' ଆଧାରିତ ଶିକ୍ଷାବ୍ୟବସ୍ଥାକୁ ଧ୍ୱଂସ କରିବା ପାଇଁ ଯୋଜନା ତିଆରି କଲେ। ବ୍ରିଟିଶ ସରକାରଙ୍କୁ ଚିଠି ଲେଖିଲେ ଯେ, ଭାରତର ଶିକ୍ଷା ବ୍ୟବସ୍ଥାକୁ ଉଚ୍ଛେଦ କରି ଇଂରାଜୀ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରାଯାଉ। ଏକଥା ମଧ୍ୟ ତାଙ୍କ ଚିଠିରେ ସ୍ପଷ୍ଟ ଲେଖିଥିଲେ ଯେ, ଭାରତକୁ ସବୁଦିନ ପାଇଁ ଅଧିନରେ ରଖିବାକୁ ହେଲେ ଭାରତୀୟତ୍ୱ ବା ରାଷ୍ଟ୍ରୀୟତ୍ୱ ଭାବ ନିର୍ମାଣ କରୁଥିବା ଭାରତୀୟ ଶିକ୍ଷା ପଦ୍ଧତିକୁ ଧ୍ୱଂସ କରିବାକୁ ପଡିବ। ମିଶନାରୀମାନେ ଭାରତର ଗାଁଗଣ୍ଡାରେ ପଶି ଭାରତୀୟ ଆଧାତ୍ମିକ ଜୀବନଶୈଳୀକୁ ତିରସ୍କାର କରିବା ସହ ଧର୍ମାନ୍ତରୀକରଣ ଆରମ୍ଭ କରିଦେଲେ। ମୋଗଲମାନଙ୍କ କବଳରୁ ମୁକ୍ତି ପାଇଥିବା ଭାରତ ପୁଣି ଥରେ ଇଂରେଜମାନଙ୍କ କପଟତା ଭିତରେ ଛନ୍ଦି ହୋଇଗଲା। ସମାଜ ଏହି ଧର୍ମ ଓ ସଂସ୍କୃତି ଉପରେ ଆକ୍ରମଣକୁ ସହଜରେ ଗ୍ରହଣ କରିପାରିଲା ନାହିଁ। ଅସନ୍ତୋଷର ବହ୍ନି ସବୁଆଡେ ଜଳି ଉଠିଲା। ୧୮୫୭ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଏହି ପ୍ରତିକ୍ରିୟାର ସବୁଠାରୁ ବଡ ନମୁନା ଥିଲା। ରାଜ୍ୟ ଶାସନ ଇଂରେଜମାନଙ୍କ ହାତକୁ ଚାଲିଯାଇଛି, ଏହି କାରଣ ଯେତିକି ମହତ୍ୱପୂର୍ଣ୍ଣ ଥିଲା, ତାହାଠାରୁ ଅଧିକ ମହତ୍ୱପୂର୍ଣ୍ଣ ଥିଲା ଧର୍ମ ନଷ୍ଟ କରିବା ପାଇଁ ଗୋରୁ ଚର୍ବିର ବ୍ୟବହାର। ଯାହାକୁ ସୈନିକମାନଙ୍କୁ ଦାନ୍ତରେ କାମୁଡି ଛିଣ୍ଡାଇବାକୁ କୁହାଯାଉଥିଲା। ଏହି ସଂଘର୍ଷର ସବୁଠାରୁ ବଡ କାରଣ ଥିଲା ଧର୍ମ ଓ ସଂସ୍କୃତି ଉପରେ ଆଘାତ। ଇଂରେଜମାନଙ୍କୁ ପ୍ରତିରୋଧ କରିବା ପାଇଁ ଭାରତରେ ପୁଣି ଥରେ 'ସ୍ୱ' ଜାଗରଣ ପର୍ବ ଆରମ୍ଭ ହେଲା। ବାଲ ଗଙ୍ଗାଧର ତିଳକ ସମାଜକୁ ଜାଗ୍ରତ କରିବା ପାଇଁ ଶିବାଜୀ ମହୋତ୍ସବ ଓ ଗଣେଷ ମହୋତ୍ସବର ସାହାରା ନେଲେ। ସ୍ୱଦେଶୀ ବସ୍ତୁ ବ୍ୟବହାର ମାଧ୍ୟମରେ 'ସ୍ୱ' ପ୍ରତି ସମର୍ପଣ ଭାବର ନିର୍ମାଣ କଲେ। ଭାରତର ଧର୍ମ ଓ ସଂସ୍କୃତିର ଅପମାନକୁ ସହ୍ୟ କରି ନ ପାରି ସନ୍ନ୍ୟାସୀମାନେ ଆନ୍ଦୋଳନ କଲେ। ଶହଶହ ସଂଖ୍ୟାରେ ବଳିଦାନୀ ହୋଇଗଲେ। ବଙ୍କିମ୍ ଚନ୍ଦ୍ର ଆନନ୍ଦ ମଠ ପୁସ୍ତକ ରଚନା କଲେ। ରବୀନ୍ଦ୍ରନାଥ ଠାକୁର 'ସ୍ୱ' ଜାଗରଣ ପାଇଁ କଲିକତାର ମିନର୍ଭା ଥିଏଟର ହଲରେ ନିଜର ପ୍ରସିଦ୍ଧ ଭାଷଣ 'ସ୍ୱଦେଶୀ ସମାଜ' ତିଆରି କଲେ। ବଙ୍ଗ ବିଭାଜନକୁ ରୋକିବା ପାଇଁ ଗଙ୍ଗାନଦୀ କୂଳରେ ସମସ୍ତଙ୍କ ହାତରେ ରାକ୍ଷୀ ବାନ୍ଧିଲେ। ଭାରତୀୟ 'ସ୍ୱ' ଜାଗରଣ ମାଧ୍ୟମରେ ବଙ୍ଗ ବିଭାଜନକୁ ବିଫଳ କରିଦେଲେ। ମହର୍ଷି ଅରବିନ୍ଦ ପଣ୍ଡିଚେରୀରେ ଆଧାତ୍ମିକ ସାଧନା ଆରମ୍ଭ କଲେ।

ଗାନ୍ଧୀଜୀ 'ସ୍ୱ' ଜାଗରଣ ରଥକୁ ଆଗକୁ ବଢେଇବା ପାଇଁ ଅଂଟା ଭିଡିଲେ। ସୁନ୍ଦର ଭାରତବର୍ଷର ପରିକଳ୍ପନା ହିନ୍ଦ ସ୍ୱରାଜ ପୁସ୍ତକ ମାଧ୍ୟମରେ ସମାଜ ଆଗରେ ଉପସ୍ଥାପନା କଲେ। ରାମରାଜ୍ୟର ସ୍ୱପ୍ନ ଦେଖିବା ପାଇଁ ପରିବେଶ ନିର୍ମାଣ କଲେ। ସ୍ୱାଧୀନତା ସଂଗ୍ରାମୀମାନଙ୍କ କଣ୍ଠରେ ରାମଧୂନର ଝଙ୍କାର ତୋଳିଲେ। ଆନ୍ଦୋଳନ ପାଇଁ କୌଣସି ବଡ ହୋଟେଲ କିମ୍ବା ବଡ ସହରକୁ ନବାଛି ଗ୍ରାମ ଓ ଆଶ୍ରମକୁ ଚୟନ କଲେ। ସାବରମତୀ ଆଶ୍ରମ ଓ ୱାର୍ଦ୍ଧା ଆଶ୍ରମ ଭାରତୀୟ ସ୍ୱାଧୀନତା ସଂଗ୍ରାମର କେନ୍ଦ୍ର ହୋଇ ଛିଡାହେଲା। ସ୍ୱାଧୀନତା ସଂଗ୍ରାମର ପ୍ରଶିକ୍ଷଣ ବିଷୟ ହେଲା ଆଶ୍ରମ ଜୀବନ। ଅନେକ ଶିକ୍ଷିତ ଯୁବକ ଯୁବତୀ ଗାନ୍ଧୀଜୀଙ୍କ ମାର୍ଗଦର୍ଶନରେ ଆଶ୍ରମରେ ରହି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଲେ। 'ସ୍ୱ' ଆଧାରିତ ଆନ୍ଦୋଳନ ରଚନା ସମାଜକୁ ପ୍ରଭାବିତ କଲା। ସମାଜ ଏକଜୁଟ ହେବା ଆରମ୍ଭ କଲା। ଇଂରେଜ ବିରୋଧୀ ଆନ୍ଦୋଳନଠାରୁ ସତ୍ୟାଗ୍ରହ ଓ 'ସ୍ୱ' ଜାଗରଣକୁ ଗାନ୍ଧୀଜୀ ଅଧିକ ପ୍ରାଧାନ୍ୟ ଦେଉଥିଲେ। ଅସହଯୋଗ ଆନ୍ଦୋଳନରେ ଇଂରେଜମାନଙ୍କୁ ବିରୋଧ କରିବାର ବାର୍ତା ଯେତିକି ସୁଦୃଢ ଥିଲା, ତା'ଠାରୁ ଅଧିକ ସୁଦୃଢ ଥିଲା ସାଧାରଣ ଜନତାକୁ ଜାଗ୍ରତ କରିବା। ଅସହଯୋଗ ଆନ୍ଦୋଳନ ଯେତେବେଳେ ତୀବ୍ର ଇଂରେଜ ବିରୋଧୀ ଓ ହିଂସାତ୍ମକ ରୂପ ନେଲା ଗାନ୍ଧିଜୀ ତାକୁ ପ୍ରତ୍ୟାହାର କରିନେଲେ। ଭାରତ ଛାଡ ଆନ୍ଦୋଳନ ମଧ୍ୟ ସେହି ସମାନ କାରଣରୁ ବନ୍ଦ କରିଦିଆଗଲା।

ଏକ ବିଶାଳ କାଳଖଣ୍ଡରେ ଅନେକ ମହାପୁରୁଷଙ୍କ ଦ୍ୱାରା ହୋଇଥିବା 'ସ୍ୱ' ଜାଗରଣର ଫଳ ୧୯୪୭ ମସିହା ପୂର୍ବରୁ ଦେଖିବାକୁ ମିଳିଲା। ହଜାର ହଜାର ଭାରତୀୟ କଂଗ୍ରେସର ବିରୋଧ ସତ୍ତ୍ୱେ ଆଜାଦ ହିନ୍ଦ୍ ଫୌଜରେ ଯୋଗଦାନ କଲେ। ଅନେକ କ୍ରାନ୍ତିକାରୀ ଇଂରେଜମାନଙ୍କ ବିରୋଧରେ ଛିଡା ହେଲେ। ମୁମ୍ବାଇର ନୌବାହିନୀ ଇଂରେଜମାନଙ୍କ ବିରୋଧରେ ଯୋଜନା ପ୍ରସ୍ତୁତ କରିବା ଆରମ୍ଭ କଲା। ସଂପୂର୍ଣ୍ଣ ଭାରତ ଭିତରେ ରାଷ୍ଟ୍ରଭାବ ଜାଗ୍ରତ ହୋଇଉଠିଲା। ୧୯୪୨ ପରେ କଂଗ୍ରେସ କୌଣସି ବଡ ଆନ୍ଦୋଳନ କରି ନ ଥିଲେ ବି ଇଂରେଜମାନେ ଭାରତକୁ ସ୍ୱାଧୀନତା ଦେବା ପାଇଁ ବିବଶ ହୋଇଗଲେ। ଆମେ ସ୍ୱାଧୀନ ହେଲୁ ସତ ସ୍ୱତନ୍ତ୍ର ହୋଇପାରିଲୁ ନାହିଁ।

ସ୍ୱାଧୀନତା ଅର୍ଥ 'ସ୍ୱ' ଅଧିନ ଅର୍ଥାତ ନିଜ ଦେଶର ଲୋକଙ୍କ ହାତରେ ଶାସନ ଭାର। ଆମ ଦେଶର ଲୋକ ଆମ ଦେଶକୁ ଶାସନ କରିବେ। ଯାହା ୧୯୪୭ରେ ଆମକୁ ମିଳିଗଲା। 'ସ୍ୱ'ତନ୍ତ୍ର ଅର୍ଥ ଆମ ବୈଚାରିକ ଅଧିଷ୍ଠାନ ଆଧାରରେ ଶାସନ ବ୍ୟବସ୍ଥା। ସମସ୍ତ ତନ୍ତ୍ରର ଆଧାର ଭାରତୀୟତା, ଧର୍ମ, ଆଧାତ୍ମ ହେବ। ଯାହା ବର୍ତମାନ ସୁଦ୍ଧା ସମ୍ଭବ ହୋଇପାରିନାହିଁ। ବିଶିଷ୍ଟ ଗାନ୍ଧୀବାଦୀ ଲେଖକ ଧରମ ପାଲ ତାଙ୍କର ଭାରତୀୟ ଚିତ, ମାନସ ଏବଂ କାଳ ପୁସ୍ତକରେ ଲେଖିଛନ୍ତି (ପୃ-୧୮୮) ଭାରତର ଶାସନ ବ୍ୟବସ୍ଥା ବ୍ରିଟିଶ ଢାଂଚାରେ ଗଢାଯାଇଛି। ଭାରତୀୟ ପଦ୍ଧତି ଅନୁରୂପ କୌଣସି ବିଷୟ ସାମ୍ବିଧାନିକ ବ୍ୟବସ୍ଥାରେ ସାମିଲ ହୋଇପାରିଲା ନାହିଁ। ଭାରତୀୟ ଆବଶ୍ୟକତା ସହ ସଂବିଧାନର ତାଳମେଳ ନାହିଁ।

ଆମର ସ୍ୱାଧୀନତା ଏକ ଲମ୍ବା କାଳଖଣ୍ଡରେ ହୋଇଥିବା 'ସ୍ୱ' ଜାଗରଣର ଫଳ ଅଟେ। ଆମର ରାଷ୍ଟ୍ରର ବିକାଶ 'ସ୍ୱ' ଜାଗରଣ ଉପରେ ନିର୍ଭର କରେ। 'ସ୍ୱ' ଅବବୋଧ ହିଁ ସ୍ୱତନ୍ତ୍ରତାର ଆଧାର ଥିଲା। ଭାରତର ଭବିଷ୍ୟତର ସୁରକ୍ଷା ମଧ୍ୟ ଏହି 'ସ୍ୱ' ଅବବୋଧ ଉପରେ ନିର୍ଭର କରେ। ସ୍ୱତନ୍ତ୍ରତାର ୭୫ ବର୍ଷ ଆମ ସମସ୍ତଙ୍କ ପାଇଁ 'ସ୍ୱ' ଚିନ୍ତା,'ସ୍ୱ' ସାଧନା ଓ 'ସ୍ୱ' ସଂଗ୍ରକ୍ଷଣ ପାଇଁ ବିଶେଷ ମୁହୂର୍ତ ହୋଇ ରହୁ। ଏପରି ହେଲେ ଭାରତବର୍ଷ ବିଶ୍ୱର ମାର୍ଗଦର୍ଶକ ହୋଇପାରିବ ଏବଂ ସ୍ୱତନ୍ତ୍ରତା ନିରାପଦ ରହିବ।

**ରବିନାରାୟଣ ପଣ୍ଡା**, ମଠସାହି, ଭଦ୍ରକ, ମୋ: ୯୪୩୭୦୧୭୮୫୭



# ମୋ ଗାଁ

## ପୁରୀରେ ବିଦ୍ୟୁତ ମହୋତ୍ସବ ପାଳିତ

ପୁରୀ, (ପି.ଏନ): ବିଦ୍ୟୁତର ସଦ ବ୍ୟବହାର ଓ ବିଦ୍ୟୁତ ସଂଚୟ ନେଇ ପ୍ରତ୍ୟେକ ସଚେତନ ହେଲେ ଭବିଷ୍ୟତ ପାଇଁ ଶକ୍ତି ସଂଚୟ କରାଯାଇପାରିବ ବୋଲି ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି। ଆଜି ପୂର୍ବାହ୍ନରେ ପୁରୀ ଟାଉନ ହଲ ଠାରେ ଜିଲ୍ଲା ପ୍ରଶାସନ ଏବଂ ପିଜିସିଆଇଏଲ, ଓପିଟିସିଏଲ, ଟିପିସିଓଡିଏଲର ମିଳିତ ସହଯୋଗରେ ଆଜାଦୀକା ଅମୃତ ମହୋତ୍ସବ ପାଳନ ଅବସରରେ ଉଜ୍ୱଳ ଭାରତ, ଉଜ୍ୱଳ ଭବିଷ୍ୟ ପାୱାର ଅ୨୦୪୭ ବିଦ୍ୟୁତ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଷଡ଼ଙ୍ଗୀ ଆଜିର ସମୟରେ ବିଜୁଳି ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇପଡ଼ିଛି। ଅତୀତରେ ବିଦ୍ୟୁତ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିବା ସହ ଉପଭୋକ୍ତା ମାନଙ୍କ ସହ ସୁସମନ୍ୱୟ ଓ ସୁସମ୍ପର୍କ ରକ୍ଷା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଓ ପୁରୀ ସଦର ପଂଚାୟତ ସମିତି ଅଧକ୍ଷ ଦିବାକର ପାତ୍ର ଏଥିରେ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ସଚେତନ ହୋଇ ବିଜୁଳିର ସୁରକ୍ଷା ଓ ସଦ ବ୍ୟବହାର ପାଇଁ ଅନୁରୋଧ କରିଥିଲେ। ବିଦ୍ୟୁତ ବିଭାଗ ସଠିକ ସେବା ଯୋଗାଇବା ସହ ରକ୍ଷଣାବେକ୍ଷଣ ଠିକ୍ ଭାବେ ସମ୍ପାଦନ କରିବା, ଉପଭୋକ୍ତା ମାନେ ସଠିକ ସମୟରେ ଦେୟ ପ୍ରଦାନ ଓ ସହଯୋଗ ପାଇଁ ଅନୁରୋଧ କରିଥିଲେ। ପାୱାର ଗ୍ରୀଡର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ଯୋଗଦେଇ ବିଦ୍ୟୁତର ସଦୁପଯୋଗ, ସୁରକ୍ଷା ଓ ବିଭାଗର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଓପିଟିସିଏଲର ଜିଏମ୍ ପ୍ରଶାନ୍ତ କୁମାର ପଟ୍ଟନାୟକ ସ୍ୱାଧୀନତା ପରବର୍ତ୍ତୀ ସମୟରେ ବିଜୁଳିର ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ସମଗ୍ର ଦେଶକୁ ଏକ ଗ୍ରୀଡ ଏକ ଫ୍ରିକ୍ୱେନ୍ସି ସହ ସଂଯୋଗ କରି ୧.୬ ଲକ୍ଷ ସର୍କିଟ କିଲୋମିଟର ଟ୍ରାନ୍ସମିସନ ଲାଇନ ଯୋଗ କରାଯାଇଛି । ୨୦୧୮ ରେ ଶତକଡା ଶହେ ଭାଗ ଗ୍ରାମ୍ୟ ବିଦ୍ୟୁତିକରଣ ଓ ଘରୋଇ ବିଦ୍ୟୁତିକରଣ ହାସଲ କରାଯାଇଛି। ବ୍ୟବସ୍ଥାକୁ ସୁଦୃଢ ନିମନ୍ତେ ୨.୦୨ ଲକ୍ଷ କୋଟି ଟଙ୍କା ବିନିମୟରେ ଗ୍ରାମାଂଚଳରେ ୨୦୧୫ ରେ ଥିବା ୧୫ ଘଂଟା ବିଦ୍ୟୁତ ଯୋଗାଣକୁ ବର୍ତ୍ତମାନ ହାରାହାରି ୨୨.୫ ଘଣ୍ଟାକୁ ବୃଦ୍ଧି କରାଯାଇଛି। ୧୬୯ ଗିଗାୱାଟ ଉତ୍ପାଦନ କ୍ଷମତା ଯୋଡ଼ି ହୋଇ ଆମ ଦେଶକୁ ଶକ୍ତି ଅଭାବରୁ ଅତ୍ୟଧିକ ଶକ୍ତିରେ ପରିଣତ କରିଛି ବୋଲି ବିଦ୍ୟୁତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ପାୱାର ଗ୍ରିଡର ଜିଏମ୍ ଶକୁନ୍ତଳା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରୀ ଟିପିସିଓଡିଏଲ ର ନିର୍ବାହୀ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ସ୍ୱାଇଁ ଓ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।ଏହି ଅବସରରେ ଉପଭୋକ୍ତା ମାନେ ବିଦ୍ୟୁତ ସଂସ୍କାର ସମ୍ପର୍କରେ ବିବିଧ ମତାମତ ପ୍ରଦାନ କରିଥିଲେ। ଶକ୍ତି କ୍ଷେତ୍ରରେ ସଚେତନତା ପାଇଁ କ୍ଷୁଦ୍ର ଚଳଚ୍ଚିତ୍ର, ନୁକ୍କଡ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବିପଦପୂର୍ଣ୍ଣ ଅବସ୍ଥାରେ ନଦୀ ପାର ହେଉଛନ୍ତି ଗ୍ରାମବାସୀ, ପୋଲ ନିର୍ମାଣ ପାଇଁ ଦାବୀ

ଜୟପୁର, (ପି.ଏନ): ରାଜ୍ୟ ସରକାର ଆଦିବାସୀ ଅଧ୍ୟୁଷିତ ଅଂଚଳ ଗୁଡ଼ିକର ଉନ୍ନତି ପାଇଁ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଥିବା ବେଳେ ଏବେବି ଏମିତି କିଛି ଅଞ୍ଚଳ ରହିଛି ଯେଉଁଠି କି ଗାଁ ଲୋକେ ନିତିଦିନ ବିପଦ ସଂକୁଳ ଅବସ୍ଥାରେ ନଦୀ ପାଣିରେ ପାର ହୋଇ ଯାତାୟତ କରନ୍ତି । ଆଉ ବାରମ୍ବାର ଅହି ସମସ୍ୟାକୁ ନେଇ ପ୍ରଶାସନକୁ ଅଭିଯୋଗ କଲେ ମଧ ଜାଣି ଅଜଣା ଭଳି ରହିଛନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏହିପରି ଏକ ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ କାଳିଆଗୁଡା ଗ୍ରାମରେ ।ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ବୋଦାପୁଟ ପଂଚାୟତର ମାଦି ଠାରୁ ତକାଲ ଗ୍ରାମ ପର୍ଯ୍ୟନ୍ତ ସଂଯୋଗ କରୁଥିବା ଏହି ରାସ୍ତା ମଝିରେ ବେଡା ନଦୀ ଲାଗି ୬ ଖଣ୍ଡ ଗ୍ରାମବାସୀ ବିପଦ ସଂକୁଳ ଅବସ୍ଥାରେ ନିତିଦିନ ନଦୀ ପାରହେଉଛନ୍ତି କ୍ଷ ନଦୀ ଆରୋପଟେ କାଳିଆଗୁଡା, କପୁରୁଗୁଡା, ପାଣ୍ଡିରୀଗୁଡା, ଖାରିଗୁଡା, ତକାଲ,ପାମି, ଆଦି ଗ୍ରାମବାସୀ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ବର୍ଷ ତମକ୍ଷମ ଏହିପରି ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ । ଗ୍ରାମବାସୀଙ୍କ ସହ ସ୍କୁଲ ପିଲା ଏବଂ ଅଙ୍ଗନବାଡିର କୁନି କୁନି ଛାତ୍ର ଛାତ୍ରୀ ମଧ ବିପଦପୂର୍ଣ୍ଣ ଅବସ୍ଥାରେ ଏହି ନଦୀ ପାର ହେଉଛନ୍ତି କ୍ଷ ଖାଲି ସେତିକି ନୁହେଁ ଜରୁରୀକାଳୀନ ଚିକିତ୍ସା ପାଇଁ ରୋଗୀଙ୍କୁ ବୈପାରୀଗୁଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବାକୁ ହେଲେ ରୋଗୀଙ୍କୁ ଗ୍ରାମବାସୀ ଖଟିଆରେ ବୋହି ଆଣନ୍ତି ।ତେଣୁ ତୁରନ୍ତ ଏଠାରେ ପୋଲ ନିର୍ମାଣ କରିବା ସହ ପିଚୁ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳ ବାସୀ ଦାବୀ କରିଛନ୍ତି ।ଏହି ସମସ୍ୟାକୁ ନେଇ ଗ୍ରାମବାସୀ ବହୁବାର ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ ଜାଣି ଅଜଣା ଭଳି ରହୁଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ସେପଟେ ସ୍ଥାନୀୟ ବିଡ଼ିଓ ଅଭିମନ୍ୟୁ କବି ଶତପଥି ଏହି ସମସ୍ୟାକୁ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ରଖିଛନ୍ତି ।କେବେ ପ୍ରଶାସନ ଗ୍ରାମବାସୀଙ୍କ ସମସ୍ୟା ର ସମାଧାନ କରିବ କେବେ ଗ୍ରାମବାସୀ ଉପକୃତ ହେବେ ତାହା ଦେଖିବାର ବାକି ରହିଲା।

## ରାୟଗଡ଼ା କାଶିପୁର ବ୍ଲକରେ ଝାଡ଼ାବାନ୍ତିରେ ଆଉ ଦୁଇ ମୃତ : ମୃତ୍ୟୁ ସଂଖ୍ୟା ୧୦କୁ ବୃଦ୍ଧି

ରାୟଗଡ଼ା, (ପି.ଏନ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକରେ ଝାଡ଼ାବାନ୍ତି ଥମିବାର ନାଁ ନେଉନାହିଁ । ଗୋଟିଏ ପରେ ଗୋଟିଏ ଜୀବନ ନେବାରେ ଲାଗିଛି ହଇଜା । ଆଜି ଆଉ ଦୁଇ ଆକ୍ରାନ୍ତଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି । ହାଡ଼ିଗୁଡ଼ା ପଚାଂୟତ କୁଗୁପୁଟରେ ଜଣେ ମହିଳାଙ୍କ ଆକ୍ରାନ୍ତ ଓ ଟିକିରି ପଚାଂୟତ ଅନ୍ତର୍ଗତ ଜାମୁଗୁଡ଼ାର ସୁନି ମାଝି ନାମ୍ନୀ ଜଣେ ମହିଳା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଫଳରେ ବ୍ଲକରେ ଝାଡ଼ାବାନ୍ତିଜନିତ ମୃତ୍ୟୁ ସଂଖ୍ୟା ବେସରକାରୀ ଭାବେ ୧୦ କୁ ବୃଦ୍ଧି ପାଇଛି । ବ୍ଲକରେ ୩ ଶହରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ଥିବା ଜଣାପଡିଛି । ପ୍ରାୟ ୨ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ହେଲା କାଶୀପୁରରେ ହଇଜା ବ୍ୟାପିବା ଆରମ୍ଭ ହୋଇଥିବା ବେଳେ ଏବେ ସୁଦ୍ଧା ଏହା ଥମିବାର ନାଁ ଧରୁନି । ଏବେ କାଶୀପୁରର ୧୫ ପଚାଂୟତର ୧୮୦ରୁ ଉର୍ଦ୍ଧ୍ୱ ଗାଁକୁ ବ୍ୟାପି ସାରିଲାଣି ହଇଜା । ଗତ ୧୪ ତାରିଖ ରାତିରେ ଟିକିରି ଝଡ଼ିଆସାହିରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୫ ତାରିଖରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିଲା । ଏହାପରେ ୧୬ ତାରିଖରେ ରାୟଗଡ଼ା ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ଆଉ ଜଣକର ମୃତ୍ୟୁ ଘଟିଥିଲା। ପରେ ଅନ୍ୟ ଜଣକର ମଧ ମୃତ୍ୟୁ ଘଟିଥିଲା । ଗତ ୨୩ ତାରିଖରେ ଦୁଡୁକାବାହାଲ ପଚାଂୟତ ଅନ୍ତର୍ଗତ ଡେଙ୍ଗାଗୁଡ଼ା ଗ୍ରାମର ଅର୍ଜୁନ ଜାନିଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ହଇଜା ସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ କାଶୀପୁରରେ ୨ଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି । ଗାଁକୁ ଗାଁ ବୁଲି ଆକ୍ରାନ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି ସ୍ୱାସ୍ଥ୍ୟକର୍ମୀ ଏବଂ ଆଶାକର୍ମୀ । ମେଡ଼ିକାଲ୍ ଟିମ୍ ବି ମୁତୟନ ହୋଇଛନ୍ତି । ଏହାସତ୍ୱେ ଆକ୍ରାନ୍ତଙ୍କ ମୃତ୍ୟୁ ହେଉଥିବାରୁ ଲୋକେ ଛାନିଆ ହୋଇ ପଡ଼ିଛନ୍ତି। ଅନ୍ୟପକ୍ଷରେ ଦୂଷିତ ଝରଣା ପାଣି ହିଁ ରାୟଗଡ଼ା ଜିଲ୍ଲାର କାଶୀପୁରରେ ବ୍ୟାପିଥିବା ଝାଡ଼ାବାନ୍ତିର କାରଣ ।



## ଏ ମାଟିର କନ୍ୟା

ଶ୍ରୀ ନବୀନ ପଟ୍ଟନାୟକ

ମୁଁ ଦ୍ରୌପଦୀ ମୁର୍ମୁ....''। ଜୁଲାଇ ୨୫ ତାରିଖ ସମୟ ପୂର୍ବାହ୍ନ ୧୦.୧୪ ମିନିଟ୍। ଆମ ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର ନୂଆଦିଲ୍ଲୀର ସଂସଦ ଭବନର ସେଣ୍ଟ୍ରାଲ ହଲ୍‌ରେ ଯେତେବେଳେ ଏହି ଶବ୍ଦ ଉଚ୍ଚାରିତ ହେଉଥିଲା, ତାହା ଥିଲା ପ୍ରତ୍ୟେକ ଓଡ଼ିଆଙ୍କ ପରି ମୋ ପାଇଁ ଗୌରବର ସର୍ବଶ୍ରେଷ୍ଠ ମୁହୂର୍ତ୍ତ।

ଓଡ଼ିଶା ମାଟିର କନ୍ୟା, ଜଣେ ଜନଜାତି ଝିଅ, ଜଣେ ମା', ଜଣେ ଭଉଣୀ ଭାରତ ବର୍ଷର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ହେଉଥିଲେ। ଓଡ଼ିଆ ଅସ୍ମିତା, ଓଡ଼ିଆ ସ୍ୱାଭିମାନର ଆଉ ଏକ ମହାର୍ଘ ଅବସର ଉପସ୍ଥିତ ହୋଇଥିଲା। ଇତିହାସର ସେହି ସ୍ୱର୍ଣ୍ଣିମ ଅବସରରେ ସାମିଲ ହେବା ଥିଲା ମୋର ସୌଭାଗ୍ୟ। ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ପକ୍ଷରୁ ସଂସଦ ଭବନର ସେଣ୍ଟ୍ରାଲ ହଲ୍‌ରେ ସେଦିନର ମୋର ବିନମ୍ର ଉପସ୍ଥିତି ଥିଲା ସମସ୍ତଙ୍କ ତରଫରୁ ମହାମହିମ ରାଷ୍ଟ୍ରପତିଙ୍କୁ ସମୁଚିତ ସମ୍ମାନ ପ୍ରଦର୍ଶନ।

ମହାପ୍ରଭୁ ଶ୍ରୀଜଗନ୍ନାଥ ଆମ ସମସ୍ତଙ୍କର ଆରାଧ୍ୟ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେ ଆମ ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ପରିଚୟ। ଓଡ଼ିଆ ଜାତି ତା'ର ସେହି ପରିଚୟରେ ଗର୍ବିତ ଓ ଗୌରବାନ୍ୱିତ।

ଓଡ଼ିଆ ଜାତି ଏକ ମହାନ୍ ଜାତି । ଓଡ଼ିଶା ଇତିହାସର ପ୍ରତିଟି ପୃଷ୍ଠାରେ ସ୍ୱାଭିମାନୀ ଓଡ଼ିଆ ଅସ୍ମିତାର କାହାଣୀ ଲିପିବଦ୍ଧ। କଳିଙ୍ଗ ଯୁଦ୍ଧ ପରେ ସମ୍ରାଟ୍ ଅଶୋକଙ୍କୁ ଏ ମାଟି ଅହିଂସା ମନ୍ତ୍ରରେ ଦୀକ୍ଷିତ କରିଥିଲା। ଓଡ଼ିଆ ସ୍ୱାଭିମାନ ଓ ଅସ୍ମିତାକୁ ଶୀର୍ଷରେ ପହଞ୍ଚାଇଥିଲେ ସମ୍ରାଟ୍ ମହାମେଘବାହନ ଐର ଖାରବେଳ। ସମ୍ରାଟ କପିଳେନ୍ଦ୍ର ଦେବ କଳିଙ୍ଗ ସାମ୍ରାଜ୍ୟକୁ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ କରିଥିଲେ। ମୋଗଲ ଓ ମରହଟ୍ଟାମାନେ ଓଡ଼ିଶା ଦଖଲ କରିବାକୁ ବାରମ୍ବାର ଉଦ୍ୟମ କରିଥିବା ସତ୍ତ୍ୱେ ନିଜ ମାଟିର ଟେକ ଓ ଜାତିର ସ୍ୱାଭିମାନ ରଖିବାକୁ ଓଡ଼ିଆ ବୀର ଆଗେଇ ଆସିଥିଲା। ନିଜ ପ୍ରାଣ ବିନିମୟରେ ମାଟି ମା'କୁ ସୁରକ୍ଷା ଦେଇଥିଲା। ସିପାହି ବିଦ୍ରୋହ ପୂର୍ବରୁ ଓଡ଼ିଆ ପାଇକଙ୍କ ନେତୃତ୍ୱରେ ବ୍ରିଟିଶ୍ ବିରୋଧରେ ସଂଘଟିତ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାରତ ଇତିହାସର ଏକ ଉଲ୍ଲେଖନୀୟ ଘଟଣା।

ଆଜି ସେହି ଓଡ଼ିଆ ଜାତିର ପରିଚୟକୁ ଭାରତ ବର୍ଷର ରାଜନୈତିକ ଶୀର୍ଷରେ ପହଞ୍ଚାଇ ଜଣେ ଓଡ଼ିଆ ଝିଅ ସର୍ବୋଚ୍ଚ ଆସନରେ ପ୍ରତିଷ୍ଠିତ। ଦେଶର ରାଷ୍ଟ୍ରପତି ପଦବୀ ଗ୍ରହଣ କରି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓଡ଼ିଆ ଜାତିର ପରିଚୟରେ ଆଉ ଏକ ଗରିମାମୟ ପୃଷ୍ଠା ଯୋଡ଼ିଦେଇଛନ୍ତି। ଓଡ଼ିଶା ଆଜି ବିଭିନ୍ନ କ୍ଷେତ୍ରରେ ତା'ର ଏକ ପ୍ରଭାବଶାଳୀ ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛି। ଆମ ରାଜ୍ୟର ମୟୂରଭଞ୍ଜ ପରି ଏକ ସଂସ୍କୃତିସମୃଦ୍ଧ ଜିଲାରେ ଜନ୍ମଗ୍ରହଣ କରି ଦେଶର ପ୍ରଥମ ନାଗରିକ ଭାବେ ଶ୍ରୀମତୀ ମୁର୍ମୁଙ୍କ ପ୍ରତିଷ୍ଠା ସାଢ଼େ ଚାରି କୋଟି ଓଡ଼ିଆଙ୍କ ଲାଗି ନିଶ୍ଚିତ ଏକ ଗର୍ବର ବିଷୟ।

ଆମ ରାଷ୍ଟ୍ରପତିଙ୍କର ଅନ୍ୟତମ ବିଶିଷ୍ଟ ପରିଚୟ ହେଲା, ସେ ଜଣେ ଓଡ଼ିଆ ମହିଳା। ସମାଜରେ ମା' ସବୁବେଳେ ଶ୍ରେଷ୍ଠ, ସୃଷ୍ଟି ଓ ଶକ୍ତିର ପ୍ରତୀକ । ସେହି ମା' ସଶକ୍ତ ହେଲେ ହିଁ ସମାଜ, ପରିବାର-ରାଜ୍ୟ ଓ ଦେଶ ସଶକ୍ତ ହୋଇଥାଏ। ସେଥିଲାଗି ମୁଁ ସବୁବେଳେ ମା'ମାନଙ୍କୁ ସମାଜର ପ୍ରତ୍ୟେକଟି ପାହାଚରେ ଆଗକୁ ବଢ଼ି ଶୀର୍ଷତାର ସୋପାନରେ ପହଞ୍ଚାଇବାକୁ ପ୍ରୟାସ କରିଆସିଛି। ମା'ମାନେ ସଶକ୍ତ ହୁଅନ୍ତୁ ଓ ନେତୃତ୍ୱ ନିଅନ୍ତୁ ଏହି ଲକ୍ଷ୍ୟରେ ଯେତେବେଳେ ଆମେ ଆଗକୁ ବଢୁଛୁ, ସେତେବେଳେ ଜଣେ ଓଡ଼ିଆ ଝିଅ ବା ଜନଜାତି ବର୍ଗର ମହିଳା ଭାବରେ ଭାରତବର୍ଷର ସର୍ବୋଚ୍ଚ ପଦବୀରେ ବସିବାର ସୁଯୋଗ ପାଇବା ଆମ ସମସ୍ତଙ୍କ ପାଇଁ ଏକ ଗୌରବମୟ ଉପଲବ୍ଧି। ମୋ ମତରେ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏହା ଆମ ସମସ୍ତଙ୍କ ଲାଗି ଏକ ଐତିହାସିକ କୀର୍ତ୍ତିସ୍ତମ୍ଭ। ଭାରତବର୍ଷର ମହାମହିମ ରାଷ୍ଟ୍ରପତି ଭାବରେ ଶ୍ରୀମତୀ ମୁର୍ମୁ ଆଜି ସାର୍ବଭୌମ ଦେଶର ପ୍ରତୀକ। ଦେଶର କୋଟି କୋଟି ମା' ଭଉଣୀଙ୍କ ଆଶା ଓ ଆକାଂକ୍ଷାର ପ୍ରତିବିମ୍ବ।

ରାଜନୀତିରେ ମହିଳାମାନେ ଆଗକୁ ଆସନ୍ତୁ, ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସାମିଲ ହୁଅନ୍ତୁ ଏହାଥିଲା ନବେ ଦଶକରେ ବିଜୁବାବୁଙ୍କର ଲକ୍ଷ୍ୟ। ଏଥିପାଇଁ ମହିଳାମାନଙ୍କ ନିମନ୍ତେ ସରକାରୀ ଚାକିରିରେ ସଂରକ୍ଷଣ ସହିତ ପଞ୍ଚାୟତ ଓ ପୌରସଂସ୍ଥାଗୁଡ଼ିକରେ ମଧ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରି ସାରା ଦେଶ ପାଇଁ ସେ ଉଦାହରଣ ସୃଷ୍ଟି କରିଥିଲେ। ପରବର୍ତ୍ତୀ ସମୟରେ ସେହି ସଂରକ୍ଷଣ ସୀମାକୁ ଆମେ ୫୦ ଭାଗକୁ ବୃଦ୍ଧି କରିଛୁ। ଆମର ମା'ମାନଙ୍କୁ ବହୁ ସଂଖ୍ୟାରେ ନେତୃତ୍ୱ ନେବା ପାଇଁ ଏହା ସୁଯୋଗ ସୃଷ୍ଟି କରିଛି।

ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମର ସଫଳତା ମୋତେ ସବୁଠାରୁ ଅଧିକ ଖୁସି ଦେଇଥାଏ । ମୁଁ ଆନନ୍ଦିତ ଯେ, ଆଜି ଅନେକ ସ୍ଥାନରେ ପୁରୁଷମାନଙ୍କ ଅପେକ୍ଷା ମା'ମାନେ ହିଁ ନେତୃତ୍ୱର ଦକ୍ଷତା ଓ ପାରଦର୍ଶିତାରେ ଆଗରେ ରହିଛନ୍ତି । ଗତ ସାଧାରଣ ନିର୍ବାଚନରେ ଓଡ଼ିଶାର ୨୧ ଲୋକ ସଭା ଆସନରୁ ୭ଟି ଆସନରେ ମା'ମାନେ ହିଁ ଭାରତର ସଂସଦକୁ ପ୍ରତିନିଧିତ୍ୱ କରୁଛନ୍ତି।

ଗଣତନ୍ତ୍ରର ତୃଣମୂଳ ସ୍ତରରେ ଆଜି ମା'ମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଇଛି । ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥା ଓ ପୌର ଶାସନରେ ମହିଳାଙ୍କ ନେତୃତ୍ୱ ସାରା ଦେଶରେ ସର୍ବାଗ୍ରେ ରହିଛି। ଆମର ୩୦ଟି ଜିଲା ପରିଷଦ ମଧ୍ୟରୁ ଆଜି ୨୧ଟିରେ ମହିଳାମାନେ ଅଧକ୍ଷା ଦାୟିତ୍ୱ ସୂଚାରୁ ରୂପେ ନିର୍ବାହ କରୁଛନ୍ତି । ପଞ୍ଚାୟତ ସମିତି, ପଞ୍ଚାୟତ, ପୌରସଭା ତଥା ବିଭିନ୍ନ ୱାର୍ଡ଼ର ନେତୃତ୍ୱ ନେବା କ୍ଷେତ୍ରରେ ୫୦ ପ୍ରତିଶତରୁ ଅଧିକ ସ୍ଥାନରେ ମା'ମାନେ ହିଁ ମେୟର, ଅଧକ୍ଷା, ଉପାଧକ୍ଷା, ସଭ୍ୟା ତଥା ସରପଞ୍ଚ, ୱାର୍ଡ଼ମେମ୍ବର, କାଉନ୍‌ସିଲର ଓ କର୍ପୋରେଟର ଭାବରେ ନିର୍ବାଚିତ ହୋଇ ଜନସେବାରେ ନିଜକୁ ନିୟୋଜିତ ରଖିଛନ୍ତି। ସବୁଠାରୁ ବଡ଼ ଉପଲବ୍ଧି ଯେ, ଆଜି ଆମର ମିଶନ ଶକ୍ତି କାର୍ଯ୍ୟକ୍ରମରେ ୭୦ ଲକ୍ଷରୁ ଅଧିକ ମା' ସାମିଲ ହୋଇ ନିଜକୁ ସାମାଜିକ ତଥା ଆର୍ଥିକ କ୍ଷେତ୍ରରେ ସଶକ୍ତ କରିପାରିଛନ୍ତି। ସଂସଦ ଓ ବିଧାନସଭାରେ ମହିଳାମାନଙ୍କ ଲାଗି ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବା ଲାଗି ମୋର ପ୍ରୟାସ ଜାରି ରହିଛି।

ଜଣେ ଜନଜାତି ଭାରତର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ହୁଅନ୍ତୁ ଏହା ମୋର ଏକ ବଡ଼ ଅଭିଳାଷ ଥିଲା। ସେଥିଲାଗି ୨୦୧୨ ମସିହା ରାଷ୍ଟ୍ରପତି ନିର୍ବାଚନରେ ଭାରତ ବର୍ଷର ଜଣେ ମହାନ୍ ଜନନେତା ତଥା ସୁଦକ୍ଷ ପ୍ରଶାସକ ଡ. ପି.ଏ. ସାଙ୍ଗମାଙ୍କୁ ରାଷ୍ଟ୍ରପତି କରିବା ପାଇଁ ମୁଁ ପ୍ରସ୍ତାବ ଦେଇଥିଲି। ଡ. ସାଙ୍ଗମା କେବଳ ଆଦିବାସୀ ବର୍ଗର ନୁହନ୍ତି, ସମାଜର ସବୁ ବର୍ଗର ଲୋକଙ୍କର ଜଣେ ସମ୍ମାନାସ୍ପଦ ନେତା ଥିଲେ। ମେଘାଳୟର ମୁଖ୍ୟମନ୍ତ୍ରୀ, ଜଣେ କେନ୍ଦ୍ରମନ୍ତ୍ରୀ ତଥା ଲୋକ ସଭାର ବାଚସ୍ପତି ଭାବରେ ସେ ତାଙ୍କ ପ୍ରତିଭାର ପରିଚୟ ଦେଇଥିଲେ। ସମଗ୍ର ଭାରତ ବର୍ଷରେ ସେ ଜଣେ ସୁପ୍ରତିଷ୍ଠିତ ତଥା ଆଦରଣୀୟ ବ୍ୟକ୍ତିତ୍ୱ ଥିଲେ। ତେଣୁ ତାଙ୍କୁ ଭାରତର ରାଷ୍ଟ୍ରପତି କରିବା ଦିଗରେ ସମସ୍ତଙ୍କ ସହଯୋଗ ପାଇଁ ମୁଁ ସର୍ବୋତ୍ତମ ଉଦ୍ୟମ କରିଥିଲି।

ଯେତେବେଳେ ପଞ୍ଚଦଶ ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ଚୟନରେ ଓଡ଼ିଆ ଝିଅ ତଥା ଜନଜାତି ନେତ୍ରୀ ଦ୍ରୌପଦୀ ମୁର୍ମୁଙ୍କ ନାଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରସ୍ତାବ ଦେଲେ ଏବଂ ମୋ ସହ ଆଲୋଚନା କଲେ, ମୁଁ ସର୍ବାନ୍ତକରଣରେ ସମର୍ଥନ ଜଣାଇଥିଲି। ପ୍ରାର୍ଥୀ ଘୋଷଣା ହେବା ପରେ ଦଳମତ ନିର୍ବିଶେଷରେ ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିବା ଲାଗି ନିବେଦନ କରିଥିଲି।

ଆଜି ମୁଁ ବହୁତ ଖୁସି ଯେ, ମୋ ଓଡ଼ିଶାର ଜଣେ ଝିଅ, ଜଣେ ଜନଜାତି ମହିଳା ଦ୍ରୌପଦୀ ମୁର୍ମୁ ଦେଶର ସେହି ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ମଣ୍ଡନ କରି ମୋ ମାଟିର ଗୌରବକୁ ବୃଦ୍ଧି କରିଛନ୍ତି। ସାରା ବିଶ୍ୱକୁ, ଭାରତବର୍ଷ, ବିଶେଷକରି ଜଗନ୍ନାଥ ଧାମର ଶାନ୍ତି, ମୈତ୍ରୀ, ଭ୍ରାତୃତ୍ୱ, ସାମ୍ୟ ଓ ଏକତାର ବାର୍ତ୍ତା ଦେଇଛନ୍ତି।

ସଂସଦର ସେଣ୍ଟ୍ରାଲ ହଲ୍‌ରେ ମହାମହିମ ରାଷ୍ଟ୍ରପତିଙ୍କ ଶପଥଗ୍ରହଣ ସମୟରେ ତାଙ୍କ ଭାଷଣର ଗୋଟିଏ କଥା ମୋତେ ବେଶ୍ ପ୍ରଭାବିତ କରିଥିଲା। ସେ କହିଥିଲେ ଯେ, ରାଷ୍ଟ୍ରପତି ପଦବୀକୁ ତାଙ୍କର ନିର୍ବାଚନ ପ୍ରମାଣିତ କରିଛି ଭାରତର ଗରିବ ଲୋକ ସ୍ୱପ୍ନ ଦେଖିପାରେ ଓ ସେହି ସ୍ୱପ୍ନକୁ ମଧ ସାକାର କରିପାରେ। ମହାମହିମ ରାଷ୍ଟ୍ରପତିଙ୍କର ଏହି ଉକ୍ତି ନିଶ୍ଚିତ ଭାବରେ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟକ ଓ ତାତ୍ପର୍ଯ୍ୟପୂର୍ଣ୍ଣ।



୨୦୦୦ ମସିହାରୁ ମୁଁ ଓଡ଼ିଶା ମା'ର ସେବାରେ ନିଜକୁ ସମର୍ପିତ କରିଦେଇଛି। ସେବେଠାରୁ ସମାଜର ଗରିବ, ଅବହେଳିତ, ମହିଳା ଓ ପଛୁଆବର୍ଗଙ୍କୁ ଆଗକୁ ଆଣିବା ପାଇଁ ସତତ ପ୍ରୟାସ ଜାରି ରଖିଛି। ବିଶେଷକରି ଜନଜାତି ଭାଇଭଉଣୀମାନଙ୍କ ପାଇଁ ଶିକ୍ଷା ଓ ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ଆଣି ସେମାନଙ୍କୁ ସ୍ୱପ୍ନ ଦେଖିବାର ତଥା ସେହି ସ୍ୱପ୍ନକୁ ସାକାର କରିବାର ପଥ ପ୍ରଶସ୍ତ କରିଚାଲିଛି। ଶିକ୍ଷା ରୂପାନ୍ତରର ଶକ୍ତିଶାଳୀ ମାଧ୍ୟମ। ଶିକ୍ଷା ଜରିଆରେ ଜନଜାତି ପିଲାମାନଙ୍କୁ ସଶକ୍ତ କରି ସେମାନଙ୍କୁ ବିକାଶର ମୁଖ୍ୟଧାରାକୁ ଆଣିବା ନିମନ୍ତେ ଅନେକ କାର୍ଯ୍ୟକ୍ରମ ଜାରି ରହିଛି।

ଖୁସିର କଥା, ଏହାର ଫଳସ୍ୱରୂପ ଆଜି ଆମ ରାଜ୍ୟର ଅଗଣିତ ଜନଜାତି ପୁଅଝିଅ ଭଲ ପାଠପଢ଼ିବାର ସୁଯୋଗ ପାଇ ବଡ଼ ହେବାର ସ୍ୱପ୍ନ ଦେଖିପାରୁଛନ୍ତି ଓ ସେହି ସ୍ୱପ୍ନକୁ ସାକାର ମଧ କରିପାରୁଛନ୍ତି। ସମାଜର ସବୁ ବର୍ଗର ଗରିବ ପିଲାଙ୍କୁ ବଡ଼ ହେବାର ରାସ୍ତା ପ୍ରଶସ୍ତ କରିବାରେ ଆମର ପ୍ରୟାସ ଅନେକ ଉପଲବ୍ଧି ଆଣିପାରିଛି। ଜଣେ ଜନଜାତି ଝିଅ ଭାବରେ ଆଜିର ମହାମହିମ ରାଷ୍ଟ୍ରପତି ମୟୂରଭଞ୍ଜର ଉପରବେଡ଼ା ଗାଁରୁ ଆସି ଭୁବନେଶ୍ୱରରେ ରହି ପାଠ ପଢ଼ିବା, ସରକାରୀ ଚାକିରି କରିବା ସହିତ ପରବର୍ତ୍ତୀ ସମୟରେ ରାଜନୀତି କ୍ଷେତ୍ରକୁ ଆସି କାଉନ୍‌ସିଲର, ବିଧାୟକ, ମନ୍ତ୍ରୀ, ରାଜ୍ୟପାଳ ଏବଂ ସର୍ବୋପରି ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରି ଯେଉଁ ବିରଳ ସଫଳତା ହାସଲ କରିଛନ୍ତି, ତାହା ସବୁଦିନ ପାଇଁ ଏକ ପଥପ୍ରଦର୍ଶକ ଉଦାହରଣ ହୋଇ ରହିବ।

ଶେଷରେ ମୁଁ ତାଙ୍କୁ ଆଉଥରେ ଅଭିନନ୍ଦନ ଜଣାଉଛି। ଶପଥଗ୍ରହଣ ସମୟରେ ତାଙ୍କର ପ୍ରଥମ ସମ୍ବୋଧନରୁ ସାରା ବିଶ୍ୱକୁ ସେ ଯେଉଁ ଜଗତକଲ୍ୟାଣ ବାର୍ତ୍ତା ଦେଇଛନ୍ତି ଏବଂ ଓଡ଼ିଆ ଜାତିର ଗୌରବ ସନ୍ଥକବି ଭୀମ ଭୋଇଙ୍କ ଉକ୍ତିକୁ ଉଦ୍ଧୃତ କରିଛନ୍ତି, ଆଜି ତାହା ଆଉଥରେ ଆମ ଅସ୍ମିତାର ପ୍ରତିଷ୍ଠାକୁ ଗୌରବମଣ୍ଡିତ କରିଛି। ମୁଁ ଆଶା ରଖିବି ଆମ ସମସ୍ତଙ୍କ କାର୍ଯ୍ୟ ଓ ଭାବନାରେ ସନ୍ଥକବି ଭୀମ ଭୋଇଙ୍କର ସେହି ଉକ୍ତି 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ' ସତତ ପ୍ରତିଫଳିତ ହେଉ।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

## ପଶ୍ଚିମାଞ୍ଚଳ ଏକତା ମଂଚର ସମ୍ବଲପୁରୀ ଦିନ ସଂକଳ୍ପ ଆନ୍ଦୋଳନରେ ପରିଣତ ହୋଇପାରିଛି

ସମ୍ବଲପୁର, (ପି.ଏନ): ଭାରତୀ ସମାଜ ପକ୍ଷରୁ ୧୦ ବର୍ଷ ପୂର୍ବରୁ ଗୁରୁ ସତ୍ୟ ନାରାୟଣ ବହିଦାରଂକର ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମରେ ହୋଇଥିବା ନିଷ୍ପତ୍ତି ଏବେ ଆନ୍ଦୋଳନ ରେ ପରିଣତ ହୋଇଛି , ଦିନକୁ ଦିନ ସମ୍ବଲପୁରୀ ଦିନ ପଶ୍ଚିମାଞ୍ଚଳ ବାସୀଂକ ଅସ୍ମିତାର ଦିନ ଭାବେ ଗ୍ରହଣୀୟ ହୋଇଚାଲିଛି। ଦୁଇବର୍ଷ ର କରୋନା ମହାମାରୀ ପରିସ୍ଥିତି ପରେ ଚଳିତ ବର୍ଷ ପୁଣିଥରେ ପଶ୍ଚିମାଞ୍ଚଳ ଏକତା ମଂଚ ପକ୍ଷରୁ ଖୋଲା ମଂଚରେ ସମ୍ବଲପୁରୀ ଦିନ ପାଳିତ ହେବାରୁ ଯାଉଛି। ସମ୍ବଲପୁରୀ ସଂସ୍କୃତି ର ପୁରୋଧା ଗୁରୁ ସତ୍ୟ ନାରାୟଣ ବହିଦାରଂକର ଜନ୍ମଦିନ କୁ ୨୦୧୩ ରୁ ସମ୍ବଲପୁରୀ ଦିନ ଭାବରେ ପାଳନ ଆରମ୍ଭ ହୋଇ ଚଳିତ ବର୍ଷ ୧୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ଗୁରୁ ବହିଦାର ସମ୍ବଲପୁରୀ ସାଧକ କବି କଳାକାର ମାନଂକୁ ଏକଜୁଟ କରିବା ସହ ଭାଷା ସଂସ୍କୃତି ର ପ୍ରଚାର ପ୍ରସାର ପାଇଁ ସାରା ଜୀବନ ବଳିଦାନ ଦେଇଥିଲେ। ପଶ୍ଚିମାଞ୍ଚଳ ଏକତା ମଂଚ ପକ୍ଷରୁ ସମ୍ବଲପୁର ସମେତ ରାଜ୍ୟ ର ବିଭିନ୍ନ ସ୍ଥାନରେ ତାଙ୍କର ଜନ୍ମଦିନ ରେ ସମ୍ବଲପୁରୀ ଦିନ ଭାବରେ ଆୟୋଜନ କରିଆସୁଛି। ମଂଚ ସମ୍ବଲପୁର ରେ ପ୍ରତି ବର୍ଷ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନ ର ଆୟୋଜନ କରିଆସୁଛି ।ସ୍ଥାନୀୟ ଶିଳା ଟାୱାର ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ଏକତା ମଂଚ ପକ୍ଷରୁ ସମ୍ବଲପୁରୀ ଦିନର ଆୟୋଜନ ଉପରେ ସୁଚନା ଦିଆଯାଇଥିଲା। ଚଳିତ ବର୍ଷ ସମ୍ବଲପୁରୀ ଦିନ ଆୟୋଜନ ପାଇଁ ସମ୍ବଲପୁରର ବହୁ ସଂଗଠନ ଏବଂ ଅନୁଷ୍ଠାନ ମାନଂକୁ ଅନୁରୋଧ କରାଯାଇଛି। ଗତ ୨୪ ତାରିଖରେ ପଶ୍ଚିମାଞ୍ଚଳ ଏକତା ମଂଚ ର ଆହ୍ୱାନ କ୍ରମେ ତମ ପାଇଁ ତମନ୍ନା ଫାଉଣ୍ଡେସନ ପକ୍ଷରୁ ରଂଗୋଳି, ଚିତ୍ରାଂକନ ପ୍ରତିଯୋଗିତା ଆୟୋଜନ କରାଯାଇ ଥିଲା। ସେହିପରି ଆଗାମୀ ୩୦ ତାରିଖରେ ସହଯୋଗୀ ସମ୍ବଲ ଅନୁଷ୍ଠାନ କୁ ବାଇକ ରେଲି ପାଇଁ ଦାୟିତ୍ୱ ଦିଆଯାଇଥିବା ବେଳେ ୧ ତାରିଖ ସକାଳେ ଓଡିଶା ସାଂସ୍କୃତିକ ସମାଜ ପରିସରରେ ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ପକ୍ଷରୁ ସମ୍ବଲପୁରୀ କୁଇଜ ପ୍ରତିଯୋଗିତା ଆୟୋଜନ ହେବ ।ପ୍ରୟାସ ପରିବାର ପକ୍ଷରୁ ସମ୍ବଲପୁରୀ ଦିନ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ସେହିପରି ଚଳିତ ବର୍ଷ ଓଡିଶା ର ୩୦ ରୁ ଉର୍ଦ୍ଧ୍ୱ ସ୍ଥାନରେ ସମ୍ବଲପୁରୀ ଦିନ ଆୟୋଜନ ପାଇଁ ଚେଷ୍ଟା ଚାଲିଛି। ସେହିପରି ଝାରସୁଗୁଡା, ସୁନ୍ଦରଗଡ଼ ଏବଂ ବରଗଡରେ ଭବ୍ୟ ଢଂଗରେ ସମ୍ବଲପୁରୀ ଦିନ ଆୟୋଜିତ ହେବ। ସମ୍ବଲପୁର ଜେଲ ଛକରେ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନ ଆୟୋଜନ ହେବ। ଏଥିରେ ସକାଳ ୧୦ ଟାରୁ ସମ୍ବଲପୁରୀ କବିତା ପାଠ ପରେ ଦିନ ୧ ଟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିରେ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ସାଂସ୍କୃତିକ ଦଲ ଅଂଶଗ୍ରହଣ କରିବେ। ସମ୍ବଲପୁରୀ ଦିନ ପାଇଁ ଆୟୋଜିତ ଫଟୋ ପ୍ରତିଯୋଗିତାରେ ୨୫ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗି ଭାଗ ନେଇଥିବା ବେଳେ କୁଡି ପ୍ରତିଯୋଗୀ ମାନଂକୁ ମୁଖ୍ୟ ମଂଚରେ ସମ୍ମାନିତ କରାଯିବ। ଚଳିତ ବର୍ଷ କୁମ୍ଭାରୀ ଗାଁ ସମ୍ବଲପୁରୀ ସଂଗଠକ ଏବଂ ଗୁରୁ ଭାଗବତ ପ୍ରଧାନଂକୁ 'ଗୁରୁ ସତ୍ୟ ନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନ' ପ୍ରଦାନ କରାଯିବ ବୋଲି ମଂଚ ପକ୍ଷରୁ ସୁଚନା ଦିଆଯାଇଛି। ଏହା ସହ ସୋନପୁରର ଗୁରୁ ଗଦାଧର ବେରିହାଙ୍କୁ ମଧ୍ୟ ସମ୍ମାନିତ କରାଯିବ। ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁରୀ ଦିନ ସଂଯୋଜକ ଡ ପ୍ରମୋଦ ରଥ, ଆବାହକ ଭବାନୀଶ ଭୋଇ, ମୁଖ୍ୟ ସଂଯୋଜକ ମାନସ ରଂଜନ ବକ୍ସି, ସମ୍ବଲପୁର ଶାଖା ସଂଯୋଜକ ଲଳିତ ମୋହନ ବେବର୍ତ୍ତା, ସାହିତ୍ୟ ସଂଯୋଜକ ଗୁଣ ରଂଜନ ସାଲିମା ଉପସ୍ଥିତ ରହିଥିବା ବେଳେ ମହିଳା ସଂଯୋଜିକା କାନ୍ତି ମେହେର, ଶାଖା କାର୍ଯ୍ୟକ୍ରମ ସଂଯୋଜକ ଦେବାଶିଷ ବେହେରା, କମଳ ଷଡଂଗୀ, ଡ ସ୍ୱୟଂ ପ୍ରକାଶ ପଣ୍ଡା, ସୁରେନ୍ଦ୍ର ବଗର୍ତ୍ତୀ ପ୍ରମୁଖ ସହଯୋଗ କରିଥିଲେ ।

## ସରକାରୀ ଯୋଜନା ଓ ଟ୍ରାନସ୍‌ଜେଣ୍ଡର ସଶକ୍ତି କାର୍ଯ୍ୟକ୍ରମ ସୀକୃତି ଉପରେ ସଚେତନତା କର୍ମଶାଳା

କନ୍ଧମାଳ,(ପି.ଏନ): ରିଖ ଦିନ ବାଲିଗୁଡା ବ୍ଲକ ପ୍ରଶାସନ ଓ ସ୍ୱାତୀ ର ମିଳିତ ଆନୁକୁଲ୍ୟ ରେ ପଂଚାୟତ ସମିତି ବୈଠକ ଗୃହରେ ସରକାରଙ୍କ ବିଭିନ୍ନ ଗରିବ ଦୁରୀକରଣ ଯୋଜନା ଓ ଟ୍ରାନସ୍‌ଜେଣ୍ଡର ସଶକ୍ତି କରଣ କାର୍ଯ୍ୟକ୍ରମ "ସ୍ୱୀକୃତୀ" ଉପରେ ସଚେତନତା କର୍ମଶାଳା ଜିଲ୍ଲା ପରିଶଦ ଅଧକ୍ଷା ନନ୍ଦିନି ମଲ୍ଲିକ ଙ୍କ ଅଧ୍ୟକତା ରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ରେ ବାଲିଗୁଡା ପଂଚାୟତ ସମିତି ଅଧକ୍ଷା ମିସାବତି ମଲ୍ଲିକ , ଉପାଧକ୍ଷା ନିକଜିନି ଦିଗାଳ, ବନବାଶି ଅନୁଷ୍ଠାନ ର ଉପସଂପାଦକ ରବିନ୍ଦ୍ର ପଣ୍ଡା, ଶାନ୍ତିମୈତ୍ରି ର ମୁଖ୍ୟ ଭଗବାନ ଜେନା ଅତିଥି ଭାବେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିବା ସହ କିନ୍ନର ମାନଙ୍କୁ ମୁଖ୍ୟଶ୍ରୋତରେ ସାମିଲ କରିବାକୁ ହେଲେ ସବୁ ସ୍ଥରରେ ବାଛ ବିଚାରକୁ ପଛରେ ପକାଇ ସରକାରଙ୍କ ସମସ୍ତ ସୁବିଧା ହାସଲ କରି ଜୀବନ ଜିବିକା ସୃଦୃଢ କରିବାକୁ ହେବ ବୋଲି କହିଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିନେସ କୁମାର କହଁର ଉପସ୍ଥିତ ରହି ବିଭିନ୍ନ ଯୋଜନା ତଥା ସାମାଜିକ ସୁରକ୍ଷା ରେ ହିତାଧିକାରି କିଭଳି ପେନସନ, ପ୍ରୋତ୍ସାହନ ଓ ସୀକୃତି ଯୋଜନା ସହ ଜୋଡି ହେବେ ତାହା ଆଲୋକପାତ କରିଥିଲେ । ଗ୍ରାମପଂଚାୟତ ଅଧିକାରୀ ଅମରେଶ ରଥ ନବନିର୍ବାଚିତ ପ୍ରତିନିଧି କିପରି ପଲ୍ଲି ଓ ଗ୍ରାମ ସଭା ରେ କିନ୍ନର ମାନଙ୍କ ଯୋଗଦାନ କୁ ଶନିଶ୍ଚିତ କରି ପଂନଚାୟତ ସମିତି ମାଧ୍ୟମରେ କାର୍ଯ୍ୟକାରି ହେଉଥିବା ଯୋଜନା ଯଥା ମହାତ୍ମା ଗାନ୍ଧି ଗ୍ରାମିଣ ନିଶ୍ଚିନ୍ତ କର୍ମ ନିଜୁକ୍ତି, ଜଳ ଯୋଗାଣ, ଓଡିଶା ଜୀବିକା ମିଶନ ଭଳି ସବୁ କ୍ଷେତ୍ରରେ କିନ୍ନର ମାନଙ୍କୁ ସାମିଲ କରିବା ପାଇଁ ପଂଚାୟତ ପ୍ରତିନିଧୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଓଡିଶା ଜୀବିକା ମିଶନର ଅଧିକାରୀ, କିନ୍ନର ମାନଙ୍କୁ ରୋଜଗାରକ୍ଷମ କରିବା ନିମନ୍ତେ ପ୍ରଶିକ୍ଷଣ ଓ ପରମାର୍ଶ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ । ଶୀତା ରଣା କାର୍ଯ୍ୟକାରି ହେଉଥିବା ଲକ୍ଷଙ୍କଭଦୀ ପ୍ରକଳ୍ପ ଓ ଯୌନ ସ୍ୱାସ୍ଥ୍ୟ ଓ ସଂକ୍ରମଣ ସମ୍ପର୍କରେ ସମ୍ୟକ ଧାରଣା ଦେଇଥିଲେ । ପୁଣ୍ଡଚନ୍ଦ୍ର ବଡତିଆ, ଭିଏନଡପି କାର୍ଯ୍ୟକ୍ରମ ଯେଉଁଥିରେ ମହାତ୍ମା ଗାନ୍ଧି ଗ୍ରାମିଣ ନିଶ୍ଚିନ୍ତ କର୍ମ ନିଜୁକ୍ତି କିପରି ଜଳ ବାୟୁ ପରିବର୍ତନ କୁ ଆଖିଆଗରେ ରଖି କିଛି ଉଦାହରଣ ଦେଉ ପ୍ରତିନିଧି ମାନଙ୍କୁ କହିଥିଲେ । ଜିଲ୍ଲା ପରିଷଦ ଅଧକ୍ଷା କିନ୍ନର ମାନଙ୍କ ମୁଖ୍ୟ ସମସ୍ୟା ବାଲିଗୁଡା ରେ ଘର ଓ ଅନ୍ୟାନ୍ୟ ବିଷୟରେ ସରକାରି ସ୍ଥରରେ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପଂଚାୟତ ସମିତି ଅଧକ୍ଷ ପଂଚାୟତ ସ୍ଥରରୁ କିନ୍ନର ମାନଙ୍କୁ ଚିହ୍ନଟ କରିବା ପାଇଁ ପ୍ରାଧାନ୍ୟ ଦେଇଥିଲେ । ଆସିଥିବେ ସରପଂଚ ଓ ପନଂଚାୟତ ସିତି ସଭ୍ୟ ଓ ସଭ୍ୟା ଆଗାମି ଦିନରେ କାର୍ଯ୍ୟକ୍ରମରେ ଚିହ୍ନଟ ହୋଇଥିବା କିନ୍ନର ମାନଙ୍କୁ ସାମିଲ କରିବା ପାଇଁ ପ୍ରସ୍ତାବ ରଖିଥିଲେ । ବନବାସି ଅନୁଷ୍ଠାନର ରବିନ୍ଦ୍ର ପଣ୍ଡା ଶଖୀ କାର୍ଯ୍ୟକ୍ରମ ବିଷୟରେ କହିବା ସହିତ, ସମସ୍ତ କିନ୍ନର ମାନଙ୍କୁ ସହୋଯୋଗ ର ହାତବଢେଇଥିଲେ ଓ ଶାନ୍ତିମୈତ୍ରୀ ଭଗବାନ ଜେନା ଜୀବନ ଜିବିକା ପାଇଁ କହିଥିଲେ ବିଷ୍ଣୁପ୍ରିୟା, ମନିଶା, ସ୍ୱପ୍ନା କିନ୍ନର ସେମାନଙ୍କର ଅନୁଭୁତି ବଖାଣିବା ସହ ବାଲିଗୁଡା ର ୬ ଜଣ କିନ୍ନର ବଂଶି, ରୋହିତ, ବିନାୟକ,ପ୍ରଦ୍ୟୁମ୍ନ, ଦିଲେଶ୍ୱର ଓ ଦିଲ୍ଲିପ ଙ୍କୁ "ସ୍ୱୀକୃତୀ" ଯୋଜନା ତରଫରୁ ଅତିଥି ଙ୍କ ଦ୍ୱାରା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଏହି ଅବସରରେ ବାଲିଗୁଡା ର ବରିଷ୍ଠ ସାମ୍ବାଦିକ ଶନ୍ତୋଶ କୁମାର ଦାସ ଙ୍କୁ ମୁଖ୍ୟ ଅତିଥି ଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଟ୍ରାନସ୍‌ଜେଣ୍ଡର ମାନଙ୍କୁ କିପରି ମୁଖ୍ୟଶ୍ରୋତ ରେ ସାମିଲ କରିବା ସହିତ, କିପରି ଅନ୍ୟଯୋଜନା ରେ ସୁଫଳ ପାଇବେ ସ୍ୱାତୀ ର ସଂପାଦକ ଗୁରୁତ୍ୱ ଆରୋପ କରିବା ସହିତ ନିଜକୁ ସମାଜ ଆଗରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଆହ୍ୱାନ କରିଥିଲେ ।ପ୍ରଦୀପ କୁମାର ସ୍ୱାଇଁ ଟ୍ରାନସଜେଣ୍ଡର ମାନଙ୍କ ଜୀବନ ଶୈଳୀ, ବିବିଧତା ଉପରେ ଏକ ତଥ୍ୟମୁଳକ ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମ ରେ ସ୍ୱାତୀ ର କର୍ମୀ ଶରତ ସାହୁ, ଶିତା ରଣା, ହୃଶିକେଶ ଆମାୟତ ଓ କୁଶ ସାନସେଠ ପରିଚାଳନା ରେ ସହୋଯୋଗ କରିଥିଲେ ।




## ୩୨ ବର୍ଷଧରି ଅବହେଳିତ ଅବସ୍ଥାରେ କୋଣାର୍କ ବସଷ୍ଟାଣ୍ଡ



କୋଣାର୍କ (ପିଏନ୍)-ଆନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର କୋଣାର୍କର ବସଷ୍ଟାଣ୍ଡକୁ ଦେଖିଲେ ଏହି ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳିର ବିକାଶଧାରାକୁ ପରଖି ହେବ । ବିଗତ ୩୨ବର୍ଷଧରି ଏହି ବସଷ୍ଟାଣ୍ଡ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ପଡ଼ିରହିଛି । ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କୋଣାର୍କ ଏନଏସି କର୍ତ୍ତୃପକ୍ଷଙ୍କ ପାରିବାପଣିଆକୁ ଉପହାସ କରୁଛି । ଏହି ପର୍ଯ୍ୟଟନସ୍ଥଳିକୁ ପ୍ରତ୍ୟେହ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକବାହୀ ଗାଡ଼ି ପ୍ରବେଶ କରୁଥିଲେ ମଧ୍ୟ ଏହି ବସଷ୍ଟାଣ୍ଡକୁ ଆସୁନାହାନ୍ତି । କେବଳ ଯାତ୍ରୀବାହୀ ବସ ବ୍ୟତିରେକ ଅନ୍ୟ କୌଣସି ଗାଡ଼ି ଏଠାରେ ପାର୍କିଂ କରୁ ନଥିବା ଦେଖିବାକୁ ମିଳୁଛି । ଫଳରେ ଜନଗହଳିପୂର୍ଣ୍ଣ ବିଭିନ୍ନ ଛକ ସମେତ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିଗୁଡ଼ିକ ପାର୍କିଂ କରିବା ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି ।

ପୁରୀ-କୋଣାର୍କ ଆଞ୍ଚଳିକ ଉନ୍ନୟନ ସଂସ୍ଥା ପକ୍ଷରୁ ରାଜସ୍ୱ ବିଭାଗଠାରୁ ୯ଏକର ୬୬ ଡ଼ିସିମିଲି ଜମି ଅଧିଗ୍ରହଣ କରାଯାଇ ୫ଲକ୍ଷ ୨୫ହଜାର ଟଙ୍କା ବ୍ୟୟ ଅଟକଳରେ ଗତ ୧୯୮୮ମସିହା ଜୁନ ଏକ ତାରିଖରେ ଏଠାରେ ବସଷ୍ଟାଣ୍ଡ ଓ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ନିମନ୍ତେ ଶିଳାନ୍ୟାସ କରାଯାଇଥିଲା । ଓଡ଼ିଶା ସରକାରଙ୍କ ତତ୍କାଳୀନ ପୂର୍ତ୍ତ, ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ନଳିନୀକାନ୍ତ ମହାନ୍ତି ୧୯୯୦ ମସିହାରେ ଜୁଲାଇ ୭ ତାରିଖରେ ଏହି ବସଷ୍ଟାଣ୍ଡକୁ ଉଦ୍‌ଘାଟନ କରିଥିଲେ । ପ୍ରାରମ୍ଭରୁ ଦୁଇବର୍ଷ ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ହେବାପରେ ପୁରୀ-କୋଣାର୍କ ଆଞ୍ଚଳିକ ଉନ୍ନୟନ ସଂସ୍ଥାର ପରିଚାଳନାଗତ ତ୍ରୁଟି ଯୋଗୁଁ ଏହି ବସଷ୍ଟାଣ୍ଡକୁ ସମୟକ୍ରମେ ଗାଡ଼ି ଚଳାଚଳ ସଂପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । ୧୯୯୩ ମସିହାରେ ଏହି ବସଷ୍ଟାଣ୍ଡର ରକ୍ଷଣାବେକ୍ଷଣ ଦାୟୀତ୍ୱ କୋଣାର୍କ ଏନଏସିକୁ ପ୍ରଦାନ କରାଯାଇଥିଲା । ଏହାପରେ ବି ୧୦ ବର୍ଷ ଧରି ଏହି ବସଷ୍ଟାଣ୍ଡକୁ ଗାଡ଼ିଚଳାଚଳ କରିପାରିଲା ନାହିଁ । ପରବର୍ତ୍ତୀ ସମୟରେ ୨୦୦୪ ମସିହାରୁ ଏହି ବସଷ୍ଟାଣ୍ଡକୁ ସ୍ଥାନୀୟ ପାସେଞ୍ଜର ଗାଡ଼ିଗୁଡ଼ିକ ଚଳାଚଳ ଜାରିରହିଛି । ଇତିମଧ୍ୟରେ ପର୍ଯ୍ୟାୟକ୍ରମେ କୋଣାର୍କ ଏନଏସି ପକ୍ଷରୁ ଧର୍ମକୁ ଆଖିଠାର ସଦୃଶ ବସଷ୍ଟାଣ୍ଡର ଗାଡ଼ି ପାର୍କିଂ ଏରିଆରେ ଏକ ଦଶାଂଶ ପରିମିତ ଅଞ୍ଚଳରେ ନାଲି ମୋରମ ଓ ବାଲି ଛିଞ୍ଚାଯାଇଥିଲେ ମଧ୍ୟ ୨୦୧୫ ପର୍ଯ୍ୟନ୍ତ ଖାଲଖମା ପରିପୂର୍ଣ୍ଣ ହୋଇ ରହିଥିଲା । ଏବେ ପାର୍କିଂ ଏରିଆରେ ଫେର୍ବିକି ଇଟା ବିଛାଯିବା ସହ ବସ୍ ଟର୍ମିନାଲ କରାଯାଇ ଆକର୍ଷଣୀୟ କରାଯାଇଛି ହେଲେ ଏଯାବତ ବସଷ୍ଟାଣ୍ଡ ନିମନ୍ତେ ଯୋଗାଇ ଦିଆଯାଇଥିବା ସଂପୂର୍ଣ୍ଣ ଜମିକୁ ବିକଶିତ କରାଯାଇପାରିନାହିଁ କିମ୍ବା ଏହାର ଚାରିପଟେ ପାଚେରୀ ନିର୍ମାଣ କରାଯାଇନାହିଁ । ଫଳରେ ବସଷ୍ଟାଣ୍ଡର ୭୦ପ୍ରତିଶତ ଅଞ୍ଚଳକୁ ଇତିମଧ୍ୟରେ ଲୋକେ ଜବରଦଖଲ କରି ଘରଦ୍ୱାର ଓ ଦୋକାନ ଗୃହ ନିର୍ମାଣ କରିସାରିଲେଣି । ଯାତ୍ରୀ ବିଶ୍ରାମାଗାର ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପଡ଼ିରହିଛି । ଏହି କୋଠାର ବିଭିନ୍ନ ସ୍ଥାନରେ ବର ଓ ଓସ୍ତଗଛ ଉଠି ଫାଟ ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଛି । ବସଷ୍ଟାଣ୍ଡର ପରିମଳ ବ୍ୟବସ୍ଥା ପ୍ରତି ଏନଏସି କର୍ତ୍ତୃପକ୍ଷ ତିଳେମାତ୍ର ସଚେତନ ନ ଥିବା ଜଣାଯାଇଛି । ବସଷ୍ଟାଣ୍ଡର ପାର୍କିଂ ସ୍ଥଳକୁ ଛାଡିଦେଲେ ମାର୍କେଟ କମ୍ପ୍ଲେକ୍ସ ପରିସରକୁ ଝାଡୁ କରାଯାଉ ନ ଥିବାରୁ ଚାରିଆଡ଼େ କୁଢ଼ କୁଢ଼ ଆବର୍ଜନା ଗଦା ହୋଇ ରହିଛି । ସାମାନ୍ୟ ବର୍ଷାରେ ମାର୍କେଟ କମ୍ପ୍ଲେକ୍ସ ପରିସରରେ ପାଣି ଜମି ରହୁଛି । ଏଠାରେ ଟଏଲେଟ ଓ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ ଏଯାବତ୍ କରାଯାଇନାହିଁ । ସଂପ୍ରତି ବସଷ୍ଟାଣ୍ଡ ଅଞ୍ଚଳ ଚୋରା ନିଶାବେପାରୀ ଓ ଅସାମାଜିକ ବ୍ୟକ୍ତିମାନଙ୍କର ଆଡ୍ଡାସ୍ଥଳୀ ପାଲଟିଛି । ଏହି ଅଞ୍ଚଳରେ ଚୋରୀ ଓ ଦେହବ୍ୟାପାର ଭଳି ଅସାମାଜିକ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି । ଏନଏସି କର୍ତ୍ତୃପକ୍ଷ କୋଣାର୍କକୁ ପ୍ରବେଶ କରୁଥିବା ସମସ୍ତ ଛୋଟବଡ଼ ଗାଡ଼ିଗୁଡ଼ିକରୁ ନିୟମିତ ପାର୍କିଂ ଫି ଆଦାୟ କରିଆସୁଥିଲେ ମଧ୍ୟ ପାର୍କିଂସ୍ଥାନର ବିକାଶ ଦିଗରେ ପଦକ୍ଷେପ ନେଉନାହାନ୍ତି । ଅନ୍ୟପକ୍ଷରେ ଜନଗହଳିପୂର୍ଣ୍ଣ ମେଡ଼ିକାଲ ଛକ, ଲାବଣ୍ୟ ଛକରୁ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପର୍ଯ୍ୟନ୍ତ ଏରିଆ 'ନୋ ପାର୍କିଂ ଜୋନ' ଘୋଷଣା କରାଯାଇଥିବାବେଳେ ଏହାକୁ ବେଖାତିର କରି ଏହି ଛକର ରାସ୍ତାକଡ଼ରେ ବେଆଇନ ଟ୍ୟାକ୍ସି ଷ୍ଟାଣ୍ଡ ଗଢ଼ି ଉଠିଛି ।

## ତୃତୀୟ ଦିନର ସୋନିଆ ଗାନ୍ଧୀଙ୍କ ଇଡି ଜେରା ପ୍ରତିବାଦରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ସତ୍ୟାଗ୍ରହ



ଭୁବନେଶ୍ୱର (ପିଏନ୍)- ନିଖିଳ ଭାରତ ଜାତୀୟ କଂଗ୍ରେସ କାର୍ଯ୍ୟକାରୀ ଅଧ୍ୟକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀଙ୍କୁ ତୃତୀୟ ଦିନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଜେରା କରିବା ଘଟଣାକୁ ନେଇ ଗତକାଲି ମଧ୍ୟ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ମହାତ୍ମା ଗାନ୍ଧୀ ମାର୍ଗରେ ସତ୍ୟାଗ୍ରହ ହୋଇଥିଲା। କେନ୍ଦ୍ରର ବିଜେପି ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହାଙ୍କ ନିର୍ଦ୍ଦେଶରେ ଇଡିକୁ ଆଜି କେବଳ ବିରୋଧିଦଳର ନେତୃବର୍ଗମାନଙ୍କୁ ନିନ୍ଦିତ ଓ ଅପମାନିତ କରିବାପାଇଁ ବ୍ୟବହାର କରାଯାଉଛି। ଗତକାଲି ମହାତ୍ମା ଗାନ୍ଧୀ ମାର୍ଗରେ ସକାଳ ଘ.୧୦.୩୦ ମି.ରୁ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଜିଲ୍ଲାର ବହୁ କଂଗ୍ରେସ ନେତୃବୃନ୍ଦ, ପଦାଧିକାରୀ, ମହିଳା ସଭାନେତ୍ରୀ ଗିତାଂଜଳି ମହାନ୍ତି ଇତ୍ୟାଦି ସାମିଲ ହୋଇଥିଲେ। ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ, ବିଧାୟକ ସୁରେଶ କୁମାର ରାଉତରାୟ, ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ମନୋରଂଜନ ଦାଶ, ସୁବ୍ରତ ମହାପାତ୍ର, ଅଶୋକ ଦାସ, ମୋହନ ଜେନା, ରଜନୀ ମହାନ୍ତି, ଦେବରାଜ ମିଶ୍ର, ଅନୱାର ଖାନ, ଶ୍ରୀଧର ବଳିଆରସିଂ, ବ୍ରହ୍ମାନନ୍ଦ ସାହୁ, ଜୟଶ୍ରୀ ନନ୍ଦ, ସଂଜିବ ମହାନ୍ତି, ମଂଟୁ ମଲ୍ଲିକ, ଦେବୀ ପ୍ରସାଦ ବାହାଲିଆ, ସନ୍ଧ୍ୟା ମହାପାତ୍ର, ଚିନ୍ମୟ ସୁନ୍ଦର ଦାସ, ରସିକ ପଟ୍ଟନାୟକ, କନକଲତା ମଲ୍ଲିକ, ଲକ୍ଷ୍ମୀପ୍ରିୟା ଦାସ, ପ୍ରତିମା ମହାନ୍ତି, ମନୋରଂଜନ ଜେନା, ସୌମେନ୍ଦ୍ର ମହାନ୍ତି, ରାଜକିଶୋର ବାରିକ, ମାନସ ସେଠୀ, ସ୍ପନ୍ଦନ ସ୍ୱାଇଁ, ରାଜୀବ ଜେନା, ଜିତେନ୍ଦ୍ର ବିଶ୍ୱାଳ, ମନୋରଂଜନ ରାଉତ, ସଂକୁନା କହଁର, ବୁନା ମହାନ୍ତି, ମହମ୍ମଦ ଅଲ୍ଲି, ଶଙ୍କର ନାୟକ, ପ୍ରମୋଦ ପରିଡ଼ା, ଉମେଶ ଦାସ, ଦେବାଶିଷ ଦାସ ଓ ଅନ୍ୟ ବହୁ କଂଗ୍ରେସ ନେତୃବର୍ଗ ଉପସ୍ଥିତ ଥିଲେ।

## କ୍ରିପ୍ଟନ +୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପାସ୍ ହାର ଶତ ପ୍ରତିଶତ

ଖୋର୍ଦ୍ଧା (ପିଏନ)- ଜେଆରଜି ଏଜୁକେସନାଲ ଟ୍ରଷ୍ଟ ଅଧିନରେ କ୍ରିପ୍ଟନ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ବିଜ୍ଞାନରେ ପାସ ହାର ଶତ ପ୍ରତିଶତ ସଫଳତା ଲାଭ କରିଛି । ଏଥିରେ ନବେ ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହେବା ସହ ଛାତ୍ର ସନ୍ତୋଷ କୁମାର ଗିରି ସର୍ବୋଚ୍ଚ ୫୪୭ ନମ୍ବର ରଖି ପାସ କରିଛନ୍ତି। ଏ ନେଇ ଟ୍ରଷ୍ଟର ଚେୟାରମ୍ୟାନ ବିନୀତ୍ ମୋହନ ଗୁପ୍ତା ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଅନୁଷ୍ଠାନର ଅଧ୍ୟକ୍ଷା ଡଃ ରେବେକା ଭଟ୍ଟାଚାର୍ଯ୍ୟ, ଉପଦେଷ୍ଟା କ୍ୟାପଟେନ ନବୀନ ଚନ୍ଦ୍ର ଶର୍ମାଙ୍କ ସମେତ ଅଧ୍ୟାପକ/ଅଧ୍ୟାପିକାଙ୍କୁ କୃତଜ୍ଞତା ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ସମସ୍ତଙ୍କ ଆଦରର ବ୍ରଜଭାଇ

***"ନୈନଂ ଛିନ୍ଦସି ଶସ୍ତ୍ରାଣି, ନୈନଂ ଦହତି ପାବକମ୍, ନଚୈନଂ କ୍ଳେଦୟାନ୍ତ୍ୟା ପେ, ନ ଶୋଷୟତି ମାରୁତଃ ।"***

ଜନ୍ମରେ ଜୀବନର ଆରମ୍ଭ ହୁଏନା, ମୃତ୍ୟୁରେ ଜୀବନର ଶେଷ ହୁଏନା । ଜୀବନ ପରମବ୍ରହ୍ମଙ୍କର ଜ୍ୟୋତିର ଏକ ନିତ୍ୟ ପ୍ରବହମାନ ଅବିନାଶ ଧାରା। ***"ଜାତସ୍ୟ ହି ଧ୍ରୁବ ମୃତ୍ୟୁ ଜନ୍ମ ଧ୍ରୁବ ମୃତ୍ୟୁଷତଃ ।"*** ସେ ଥିଲେ ସମସ୍ତଙ୍କର ଆଦରର ଜହ୍ନମାମୁଁ, ବାଇଗଣ ପରିବା, ବାଡ଼ି ନେଉଟିଆ । ସମସ୍ତଙ୍କ ସାଙ୍ଗରେ ଅତି ସାବଲୀଳ ଭାବେ ମିଶିଯିବେ । ତାଙ୍କ ଉପରେ ଯେତେ ରାଗ ଅଭିମାନ ଥାଉ, ପହଂଚୁ ପହ-ଂଚୁ "ପାନ ଖଣ୍ଡେ ଦେ" କହି ହାତକୁ ଧରି ହସି ଦେବେ, ସବୁ ରାଗ ପାଣିରେ ମିଳାଇଯିବ । ଆମଠାରୁ ଚାରିବର୍ଷ ସେ ବୟସରେ ବଡ । ଆମ ହାଇସ୍କୁଲ ଖଣ୍ଡାୟତ ପଟକିରାର ସେ ଥିଲେ ପ୍ରଥମ ବ୍ୟାଚର ଛାତ୍ର (୧୯୬୪ ମସିହା) । ସେହି ଗାଁରେ ତାଙ୍କର ଜନ୍ମ । ମାତ୍ର ଏକବର୍ଷ ହୋଇଥିଲା ବେଳେ ପିତା ଦୁର୍ଲଭ ବିଶ୍ୱାଳ ପରଲୋକ ଯାତ୍ରା କଲେ । ମାଆ ଜେମାଦେବୀ କେନ୍ଦ୍ରାପଡାରେ ଗ୍ରାମସେବିକା ଚାକିରି କରି ପରିବାର କଥା ବୁଝିଲେ । କିଛିଦିନ ପରେ ତାଙ୍କର ମଧ୍ୟ ମୃତ୍ୟୁ ଘଟିଲା । ପିତୃମାତୃହୀନ, ବ୍ରଜବାବୁ ଧୁଳ ଓ ଭାବ ଦାଦାଙ୍କ ପାଖରେ ରହି ପାଠ ପଢୁଥିଲେ । ଦାଦା ଥିଲେ ଭକ୍ତମଧୁ ବିଦ୍ୟାପୀଠ, କଟକର ଆର୍ଟ ଟିଚର । କଟକ ଝାଞ୍ଜିରମଙ୍ଗଳା ବସାରେ ରହି ରେଭେନସା କଲେଜରେ ପାଠ ପଢୁଥିଲେ । ରେଭେନସାରୁ ବିଏ ସାରି ଆଇନ ପାଠ ସାରିଲେ । ଧୋଆ ଅଂଚ-ଳର ନିଷ୍ଠୁର ଜୀବନ ଆମେ ସମସ୍ତେ ଅଙ୍ଗେ ନିଭାଇଛୁ । ନଈରେ ପୋଲ ନଥାଏ । ଜଳସେଚନ ପାଇଁ କେନାଲ ନଥାଏ । ରାସ୍ତା ମାଟି କାଦୁଅ ଖମା ଭର୍ତ୍ତି । ପ୍ରତିବର୍ଷ ମରୁଡି ନହେଲେ ବଢି । କାଦୁଅ ରାସ୍ତାରେ ପାଦରେ ଚାଲି ଚାଲି ନଈ ପାର ହୋଇ ଯିବାକୁ ପଡେ ବସ ଧରିବାକୁ ବା ଡାକ୍ତରଖାନାକୁ ଏପରିକି ହାଇସ୍କୁଲ ପାଠ ପଢିବାକୁ । ଏ ଥିଲା ଲୁଣା ଚିତ୍ରୋପ୍ତଳା ଦ୍ୱୀପାଂଚ-ଳର କରୁଣ କାହାଣୀ ।

ଏତିକି ବେଳେ କଂଗ୍ରେସର ସୁରେନ୍ଦ୍ର ପଟନାୟକ ବିଧାୟକ ହେଲେ । ଧୋଆଂଚଳର ଉନ୍ନତି ପାଇଁ ସେ ଅଂଟା ଭିଡିଲେ । ଆଗ୍ରହୀ ଉଦୀୟମାନ ଯୁବକମାନଙ୍କୁ ସମାଜର ସେବା ପାଇଁ ଆହ୍ୱାନ ଦେଲେ । ତାଙ୍କ ନଜରକୁ ଆସିଲେ ବିଚକ୍ଷଣ ଉଦୀୟମାନ ଯୁବକ ବ୍ରଜ ବିଶ୍ୱାଳ । ଧୋଆର ଭାର ତାଙ୍କ ଉପରେ ଲଦିଦେଲେ । ତାଙ୍କ ଉଦ୍ୟମରେ ବରପଡାଠାରେ ସାଇଫନ ହୋଇ କେନ୍ଦ୍ରାପଡା କେନାଲ ପାଣି ଧୋଆକୁ ଆସିଲା । ବରପଡାରେ ଲୁଣା ଉପରେ ପୋଲ ହେଲା । ବିଦ୍ୟୁତ ଲାଇନ ଆସିଲା । ଗାଁ ଗାଁରେ ସ୍କୁଲ ହେଲା । ରାସ୍ତାଘାଟର ଅବସ୍ଥା ସୁଧୁରିଲା । ଏ ପରିବର୍ତ୍ତନ ପଛରେ ଥାଏ ବ୍ରଜଭାଇଙ୍କ ପରି ଯୁବକଙ୍କ ଉଦ୍ୟମ । ବ୍ରଜଭାଇ ଅତ୍ୟନ୍ତ ମେଧାବୀ ଛାତ୍ର ଥିଲେ । ଚାହିଁଥିଲେ ଉଚ୍ଚ ଚାକିରି କରିପାରିଥାଆନ୍ତେ । ମାତ୍ର ସମାଜ କାମ ଓ ରାଜନୀତିରେ ପଶି ସେ ବାଟବଣା ହୋଇଗଲେ । ଓକିଲାତିରେ ମଧ୍ୟ ବିଶେଷ ସମୟ ଦେଇପାରିଲେ ନାହିଁ । 'ମାତୃଭୂମି' ପତ୍ରିକାର ଜଣେ ପ୍ରେସ କର୍ମଚାରୀଙ୍କ କନ୍ୟାକୁ ବିବାହ କଲେ । ସେତେବେଳେ ସେମାନେ ଝାଞ୍ଜିରମଙ୍ଗଳା ଲେବର କଲୋନୀଠାରେ ରହୁଥିଲେ । ଘର ପାଖରେ ରହୁଥିଲେ ବିପ୍ଳବୀ କବି ରବି ସିଂ । ସବୁ କଥା ମନେଅଛି । ତାଙ୍କର ସହଧର୍ମିଣୀ ଜୋବ୍ରା କମଳାକାନ୍ତ ବିଦ୍ୟାପୀଠରେ ଶିକ୍ଷୟିତ୍ରୀ ହେଲାପରେ ଆର୍ଥିକ ଅବସ୍ଥା ସୁଧୁରିଲା । ଏହାମଧ୍ୟରେ ସେ ନିଶ୍ଚିନ୍ତକୋଇଲି ବ୍ଲକର ଚେୟାରମାନ ହେଲେ । ସେ ସମୟରେ ଅନେକ ଉନ୍ନତିମୂଳକ କାମକରି ନିଜ ନାମ ସେ ସ୍ୱର୍ଣ୍ଣାକ୍ଷରରେ ଲେଖିଯାଇଛନ୍ତି । ମାତ୍ର ହଠାତ୍ ତାଙ୍କର ରାଜନୈତିକ ଗୁରୁ ସୁରେନ୍ଦ୍ର ପଟ୍ଟନାୟକଙ୍କ ରାଜନୈତିକ ପତନ ଘଟିବାରୁ ବ୍ରଜବାବୁ ରାଜନୀତିରେ ବାଟବଣା ହୋଇପଡିଲେ । ଏହାମଧ୍ୟରେ ବ୍ରଜଭାଇ ଓକିଲାତି ପାସ କରି କୋର୍ଟ ଯିବାକୁ ଲାଗିଲେ । ନିଶ୍ଚିନ୍ତକୋଇଲିରେ କିଛିଦିନ ପ୍ରେସ ମଧ୍ୟ କଲେ । କଟକ ଜିଲ୍ଲା କଂଗ୍ରେସ ଦଳର ସଭାପତି ହେଲେ । ମାତ୍ର କଂଗ୍ରେସ ଦଳର ଗୃହବିବାଦ ଯୋଗୁ ବିତସ୍ପୃହ ହୋଇ ଅନୁକୂଳ ଠାକୁରଙ୍କ ସତ୍‌ସଙ୍ଗରେ ଯୋଗ ଦେଇ ସେ ବିଭୁ ଚିନ୍ତନରେ ସମୟ କଟାଇଲେ । ବିଭିନ୍ନ ସତ୍‌ସଙ୍ଗରେ ଯୋଗଦେଇ ପ୍ରବଚନମାନ ଦେଲେ । ଜଣେ ଋତ୍ୱିକ ରୂପେ ସେ ଭକ୍ତମାନଙ୍କ ମଧ୍ୟରେ ପ୍ରିୟ ହୋଇଗଲେ । ସିଏ ଯେଉଁଠି ଯେପରି ଥାଆନ୍ତୁ, ଲୋକ ତାଙ୍କ ପାଖକୁ ଗଲେ ସେ ସାହାଯ୍ୟ କରିବାକୁ ବାହାରି ପଡୁଥିଲେ । ବ୍ରଜଭାଇ ରୂପେ ସେ ସାଲେପୁର ଓ ନିଶ୍ଚିନ୍ତକୋଇଲିରେ ସମସ୍ତଙ୍କର ଅତି ଆପଣାର ଥିଲେ । ତାଙ୍କର ହଠାତ ପରଲୋକ ଯାତ୍ରା ଏକ ଯୁଗର ଅବସାନ ଘଟାଇଲା । ଧୋଆ ଅଂଚ-ଳ ତାର ଯୋଦ୍ଧାକୁ ହରାଇଲା । ଦୁର୍ଗମ ବଢିମରୁଡି ପ୍ରପୀଡିତ ଧୋଆ ଇଲାକାରେ ଆଜି ଯେଉଁ ପ୍ରଗତିର ମନ୍ଦାକିନୀ ବହୁଛି, ତା'ର ଭଗୀରଥ ଥିଲେ ବ୍ରଜଭାଇ, ଏହା ନିଃସନ୍ଦେହରେ କୁହାଯାଇପାରିବ । ବନ୍ଧୁମାନଙ୍କ ହୃଦୟରେ ସେ ସବୁଦିନେ ବ-ଂଚିରହିବେ । ତାଙ୍କ ଆତ୍ମା ଶାନ୍ତି ପାଉ । ପରିବାର ବର୍ଗଙ୍କୁ ସମବେଦନା ଜଣାଇ ମୁଁ ତାଙ୍କ ଅମର ଆତ୍ମାକୁ ବିନମ୍ର ଶ୍ରଦ୍ଧାଂଜଳୀ ଜଣାଉଛି । ***"ବାସାଣି ଜିର୍ଣ୍ଣାଣୀ ଯଥା ବିହାୟ/ନବାନ ବୃହଣାତି ନରୋଃ ପରୋତି, ତଥା ଶରୀରାଣି ବିହାୟ ଜୀର୍ଣ୍ଣ ନ୍ୟମାନି/ ସଂଜାତି ନବାନି ଦେହ । ଓଁ ଶାନ୍ତି ତତ୍‌ସତ୍..."***



**ଡାଃ ସୁରେନ୍ଦ୍ର ନାଥ ଦାଶ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬*

## ଜଙ୍ଗଲୀ ହାତୀ ପାଇଁ ସତର୍କ ସୂଚନା

ଘଷିପୁରା (ପିଏନ୍): ଘଷିପୁରା ବ୍ଲକ ଅନ୍ତର୍ଗତ କଲରାଗଡିଆ, ତାଲଗାଁ ଓ ଆଖପାଖ ଗ୍ରାମବାସୀମାନଙ୍କୁ ଆନନ୍ଦପୁର ବନବିଭାଗ ତରଫରୁ ସତର୍କ କରି ଦିଆଯାଇଛି ଯେ କଲରାଗଡିଆ ଗ୍ରାମ୍ୟ ଜଙ୍ଗଲ ମଧ୍ୟରେ ଗୋଟିଏ ଜଙ୍ଗଲୀ ହାତୀ ରହୁଥିବାର ସୂଚନା ମିଳିଛି । ତେଣୁ ଲୋକମାନେ ବିନା କାରଣରେ ଘରୁ ବାହାରନ୍ତୁ ନାହିଁ ଏବଂ ଛୋଟପିଲା ଓ ବୟସ୍କ ବ୍ୟକ୍ତିମାନଙ୍କୁ ଏକୁଟିଆ ଛାଡନ୍ତୁ ନାହିଁ । ଘରେ ହାଣ୍ଡିଆ, ମହୁଲି ଇତ୍ୟାଦି ରଖନ୍ତୁ ନାହିଁ। ସନ୍ଧ୍ୟା ପରେ ଘରୁ ବାହାରକୁ ବାହାରିଲେ ଟର୍ଚ୍ଚ ଲାଇଟ୍ ହାତରେ ଧରି ବାହାରନ୍ତୁ । ହାତୀକୁ ଦେଖିଲେ ସଙ୍ଗେ ସଙ୍ଗେ ସ୍ଥାନୀୟ ବନ କର୍ମଚାରୀଙ୍କୁ ଜଣାଇବାକୁ କୁହାଯାଇଛି । ଆନନ୍ଦପୁର ବନ ବିଭାଗର ବନଅଧିକାରୀ ମଳୟ କୁମାର ସାହୁଙ୍କ ଅଧିନରେ କଲଲାଗଡିଆ ଓ ତାଲଗାଁର ପାଖାପାଖି ଗ୍ରାମରେ ବନ ବିଭାଗ ତରଫରୁ ହାତୀର ଗତିପଥକୁ ସ୍କ୍ୱାଡ୍ ଦ୍ୱାରା ନଜର ରଖାଯାଇଥିବା ବେଳେ ବନ ବିଭାଗ ତରଫରୁ ଏକ ଟୋଲ ନମ୍ବର ଜାରି କରାଯାଇଛି । ଏହି ଟୋଲ ନମ୍ବର ୮୨୪୯୦-୩୭୯୦୪, ୯୯୩୮୮-୯୮୭୪୬ କିମ୍ବା ୮୧୧୪୮-୫୨୪୧୪ରେ ଯୋଗାଯୋଗ କରନ୍ତୁ ଏବଂ ବନ ବିଭାଗକୁ ସହଯୋଗ କରନ୍ତୁ ବୋଲି ସୂଚନା ଦିଆଯାଇଥିଲା । ହାତୀର ସୁରକ୍ଷା ଓ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ବନ ବିଭାଗକୁ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ ବୋଲି ଏକ ଡାକବାଜି ଯନ୍ତ୍ର ଦ୍ୱାରା ଗ୍ରାମବାସୀଙ୍କୁ ବନ ବିଭାଗ ପକ୍ଷରୁ ସୂଚାଇ ଦିଆଯାଇଛି ।

## କାର୍ ଓ ପିକ୍ଅପ୍ ମୁହାଁମୁହିଁ ଧକ୍କା, ୭ ଆହତ

ଢେଙ୍କିକୋଟ (ପିଏନ୍): ଢେଙ୍କିକୋଟ ଫାଣ୍ଡି ଅଂଚଳ ୨୦ନଂ ଜାତୀୟ ରାଜପଥ ଅନ୍ତର୍ଗତ ସାନବରବେଡା ଛକ ନିକଟରେ ସକାଳ ସାଢେ ୬ଟା ସମୟରେ କଟକ ଯାଉଥିବା ଏକ କାର ସହ ପିକ୍ଅପ ମୁହାଁମୁହିଁ ଧକ୍କା ହେବା ଫଳରେ କାର୍‌ରେ ଥିବା ୨ଜଣ ଓ ପିକ୍ଅପ୍‌ରେ ଥିବା ୫ଜଣ ଗୁରୁତର ଆହତ ହୋଇଥିଲେ । ପିକ୍ଅପ୍‌ଟି ଭୁଲ ରାସ୍ତାରେ ଆସୁଥିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଇଛି । ବର୍ଷା ସମୟରେ ପରସ୍ପର ମୁହାଁମୁହିଁ ହେବା ଓ ନିଜ ଗାଡିକୁ ନିୟନ୍ତ୍ରଣରେ ଓ ଠିକ୍ ଭାବେ ଦେଖି ନପାରିବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି । ସମସ୍ତ ଆହତଙ୍କୁ ପ୍ରଥମେ ଘଟଗାଁ ଓ ପରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି । ସ୍ଥାନୀୟ ପୋଲିସ୍ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି ।

## ଶୁକଦେବ ପରିଡା ଓ ଇଂ ଦେବେନ୍ଦ୍ର ପରିଡାଙ୍କ ମିଳିତ ଶ୍ରଦ୍ଧାଞ୍ଜଳି ସଭା




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତର ଦୁତିଆଳ ଗ୍ରାମର ସରକାରୀ କର୍ମଚାରୀ ସ୍ୱର୍ଗତ ଶୁକଦେବ ପରିଡା ଏବଂ ତାଙ୍କ ସାନପୁଅ ଇଂ ଦେବେନ୍ଦ୍ର ପରିଡାଙ୍କର ମହାମାରୀ କରୋନାରେ ଦୁବାଇଠାରେ ଦେହାନ୍ତ ହୋଇଯାଇଥିଲା। ଉଭୟଙ୍କର ଏକ ବର୍ଷ ମଧ୍ୟରେ ଦେହାନ୍ତ ହୋଇଥିବାରୁ ଉଭୟଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧଉତ୍ସବ ମିଳିତ ଭାବେ ସମାଜସେବୀ ଶିକ୍ଷକ ଭଜକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସମାଜସେବୀ ଆଦିକନ୍ଦ ରାଉଳ ଶୁକଦେବ ପରିଡାଙ୍କ ଅଞ୍ଚଳ ପାଇଁ ଅବଦାନ ବିଶେଷ ଭାବରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରି ଧାର୍ମିକ ଚେତନାର ଅଭିବୃଦ୍ଧି ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ତାଙ୍କ ସାନପୁଅ ଇଂ ଦେବେନ୍ଦ୍ର କୁମାର ପରିଡା ଆମ ଅଞ୍ଚଳରୁ ଅନେକ ଯୁବକଙ୍କୁ ନିଯୁକ୍ତି ପ୍ରଦାନ କରିବା ସହ ଜଣେ ପରୋପକାରୀ ଯୁବକ ଭାବରେ ନିଜକୁ ପ୍ରତିପାଦନ କରିଥିଲେ। ସ୍ୱର୍ଗତଃ ଆତ୍ମାଙ୍କ ପ୍ରତି ଏକମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ମୃତିସଭାରେ ଯୋଗଦେଇଥିବା ବ୍ୟକ୍ତିମାନେ ଉଭୟଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ଅମୀୟ କୁମାର ନାୟକ ଗୀତାପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କରୁଣାକର ଦାସ, ରମଣୀ ରଞ୍ଜନ ରାଉତରାୟ, ଫକୀର ଚରଣ ଖଟୁଆ, ଅଧ୍ୟାପକ ଅଜୟ ସାମଲ, ଡା. ରମାକାନ୍ତ ଦାସ, ବୈଷ୍ଣବ ଚରଣ ସ୍ୱାଇଁ, ଭାଗିରଥୀ ଜେନା, ମୁକ୍ତାର ଖାଁ, ସୁବାସ ଚନ୍ଦ୍ର ପାତ୍ର, ରାଜକିଶୋର ନାୟକ, ଶ୍ରୀଚରଣ ସାମଲ, ସରପଞ୍ଚ ସୁବନୀ ଚରଣ ସାହୁ ପ୍ରମୁଖ ଅଞ୍ଚଳର ସାମାଜିକ, ଧାର୍ମିକ ଅନୁଷ୍ଠାନ ଗଢି ତୋଳିବାରେ ଉଭୟଙ୍କର ବିଶେଷ ଭୂମିକା ଥିଲା ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ପୁତ୍ର ହେମନ୍ତ ପରିଡା, ଜୟଶ୍ରୀ ସାମଲ, ରବିନ୍ଦ୍ର ପରିଡା, ପ୍ରଶାନ୍ତ ପରିଡା, ନାତି ବିପ୍ଳବ କୁମାର ସାମଲ, ପଙ୍କଜ କୁମାର ପରିଡା, ସୁରଜ କୁମାର ପରିଡା, ଆଦିତ୍ୟ କୁମାର ପରିଡା ପ୍ରମୁଖ ପରିଚାଳନା କରିଥିଲେ।

## ପାରାଦୀପ ନେହେରୁ ବଙ୍ଗଳାଠାରେ କୂଳ ଖାଉଛି ମହାନଦୀ

ପାରାଦୀପ (ପିଏନ୍)- ସୁଦୂର ଛତିଶଗଡରୁ ବାହାରି ପାରାଦୀପର ନେହେରୁ ବଙ୍ଗଳାଠାରେ ବଙ୍ଗୋପସାଗରେ ମିଶିଛି ଓଡିଶାର ଜୀବନଧାରା କୁହାଯାଉଥିବା ଓଡିଶାର ଗଙ୍ଗା ମହାନଦୀ । ମହାନଦୀ ମୁହାଣକୁ ଦେଖିବା ପାଇଁ ଓଡିଶା ସମେତ ବିଭିନ୍ନ ରାଜ୍ୟରୁ ପର୍ଯ୍ୟଟକମାନେ ଆସିଥାନ୍ତି । ଏହି ସ୍ଥାନକୁ ଆକର୍ଷଣୀୟ କରିବା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ପଥର ବନ୍ଧ ନିକଟରେ ମନ୍ନଦ ଉଦ୍ୟାନ ନାମରେ ଏକ ସୁନ୍ଦର ଓ ଆକର୍ଷଣୀୟ ଉଦ୍ୟାନ ତିଆରି କରିଥିଲେ । ଏହି ପାର୍କ ପରିସରରେ ପାରାଦୀପ ପୌରପାଳିକା ପକ୍ଷରୁ ଏକ ଶିଶୁ ଉଦ୍ୟାନ ମଧ୍ୟ ତିଆରି କରାଯାଇଥିଲା । ପର୍ଯ୍ୟଟକମାନେ ପର୍ଯ୍ୟଟନ ଋତୁରେ ଏଠାକୁ ଆସି ମଜା ଉଠାଇଥା'ନ୍ତି । ପ୍ରାୟ ୧୦ମିଟର ପରିମିତ ଏହି ଅଂଚଳରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପରିଚାଳିତ ଏକ ଛୋଟ କ୍ୟାଣ୍ଟିନ ମଧ୍ୟ ରହିଛି । ସମୁଦ୍ର ଓ ପଥର ବନ୍ଧ ନିକଟରେ ନିର୍ମିତ ଏହି କ୍ୟାଣ୍ଟିନର ସୁରକ୍ଷା ପାଇଁ ବନ୍ଦର ପ୍ରଶାସନ ପଥର ପ୍ରାଚୀର ମଧ୍ୟ ନିର୍ମାଣ କରିଥିଲେ । ସମୁଦ୍ରର ଉଚ୍ଚ ଜୁଆରରୁ ମନ୍ନଦ ଉଦ୍ୟାନ ଓ କ୍ୟାଣ୍ଟିନ୍‌ର ସୁରକ୍ଷା ପାଇଁ ଏହି ପଥରବନ୍ଧ ସହାୟକ ହୋଇଥାଏ । ଗତ କିଛିଦିନ ତଳେ ସମୁଦ୍ରର ଉଚ୍ଚ ଜୁଆର ଆସି ମନ୍ନଦ ଉଦ୍ୟାନ ପରିସରରେ ଥିବା ପାଦଚଲା ରାସ୍ତା ସମେତ ବହୁ ବଡ ବଡ ଗଛକୁ ଧୋଇ ନେଇଛି । ଯାହାକୁ ନେଇ ପର୍ଯ୍ୟଟକ ଓ ସ୍ଥାନୀୟ ଅଂଚଳବାସୀଙ୍କ ମନରେ ଚିନ୍ତା ବଢିଯାଇଛି । ଏହି ଉଦ୍ୟାନ ନିକଟରେ ନେହେରୁ ବଙ୍ଗଳାର ବସ୍ତି ରହିଛି । ସେମାନଙ୍କ ନିକଟରେ ଏହି ଉଚ୍ଚ ଜୁଆର କେତେବେଳେ ଯେ ନପହଂଚିବ କିଏ କହିବ! ଏହି ଉଚ୍ଚ ଜୁଆର ପ୍ରଭାବରେ ମନ୍ନଦ ଉଦ୍ୟାନର ବାଲି ଧୋଇ ହୋଇଯିବା ଫଳରେ ଉଦ୍ୟାନ ନିକଟକୁ ଯିବାକୁ ଲୋକମାନେ ଭୟ କଲେଣି । ପ୍ରାଚୀନ ନୌବାଣିଜ୍ୟିକ ପରମ୍ପରା ତଥା ଗାରିମାକୁ ବହନ କରୁଥିବା ପୁରାତନ ମନ୍ନଦ ବନ୍ଦରର ସ୍ମୃତି ଓ ଗୌରବକୁ ଉଜ୍ଜିବୀତ ରଖିବା ପାଇଁ ମହାନଦୀ ଓ ବଙ୍ଗୋପସାଗରର ମିଳନସ୍ଥଳ ନେହେରୁ ବଙ୍ଗଳାର ଏହି ଖାଲି ସ୍ଥାନରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ତିଆରି କରିଥିଲେ ମନ୍ନଦ ଉଦ୍ୟାନ, ଯାହାର କିଛି ଅଂଶକୁ ଧୋଇ ନେଇଛି ଜୁଆର । ଏହି ଜୁଆର ପାଣି ଏବେ ବି ମନ୍ନଦ ଉଦ୍ୟାନ ମଧ୍ୟରେ ଜମି ରହିଛି ।

**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ସୋନାଲୀ ପ୍ରିୟଦର୍ଶୀନି ବାଣିଜ୍ୟରେ କଲେଜ ଟପ୍ପର



ଚଣ୍ଡିଖୋଲ ,(ପିଏନ) ଉଚ୍ଚ ମାଧ୍ୟମିକ ଶିକ୍ଷାପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ବାଣିଜ୍ୟ ଫଳ ଗତକାଲି ପ୍ରକାଶ ପାଇଛି । ଏଥିରେ ବଡଚଣା ବ୍ଲକ ଶିକ୍ଷାମଣ୍ଡଳ ଅଧିନସ୍ଥ ନୁଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଯୁକ୍ତ ଦୁଇ ବାଣିଜ୍ୟ ବିଭାଗରେ ଛାତ୍ରୀ ସୋନାଲୀ ପ୍ରୀୟଦର୍ଶିନୀ ରାଉତ କଲେଜରେ ଟପ୍ପର ହେବା ସହିତ ୫୪୩ ନମ୍ବର ରଖି ବଡଚଣା ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଗ୍ରାମର ସତ୍ୟାନନ୍ଦ ରାଉତ ଓ କୃଷ୍ଣପ୍ରିୟା ରାଉତଙ୍କ କନ୍ୟା ସୋନାଲୀ ଜଣେ ମେଧାବୀ ଛାତ୍ରୀ ଭାବରେ ପ୍ରତିଷ୍ଠା ଅର୍ଜନ କରିଥିଲେ । ତାଙ୍କର ଏହି ସଫଳତା ପାଇଁ କଲେଜର ଅଧକ୍ଷ ବ୍ରଜ କିଶୋର ସ୍ୱାଇଁ , ବାଣିଜ୍ୟ ବିଭାଗର ମଖ୍ୟ ଅଧ୍ୟାପକ ଡଃ ଭାଗ୍ୟଧର ନାୟକ, ବରିଷ୍ଠ ଅଧ୍ୟାପକ ତଥା ରାଜ୍ୟ ୪୮୮ ବର୍ଗ ଅଧ୍ୟାପକ କର୍ମଚାରୀ ସଂଘ ସଭାପତି ପବିତ୍ର ମାହାଲା, ଅଧ୍ୟାପକ ଏସପି ନାୟକ, ପିକେ ବରାଳ ପ୍ରମୁଖ କୃତି ଛାତ୍ରୀ ସୋନାଲୀ ପ୍ରୀୟଦର୍ଶୀନୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

## ଅମର ଜୀବନ ନାଟକ ଛଳଚିତ୍ର ରୁପାନ୍ତରିତ

ଚଣ୍ଡିଖୋଲ (ପିଏନ) : ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ ତେବେ ମୃତ୍ୟୁ ପରେ ଜୀବନ ଜୀଉଥିବା ମଣିଷ ହିଁ ଶ୍ରେଷ୍ଠ ମଣିଷର ଆଖ୍ୟା ପାଇଥାଏ । ଅଙ୍ଗଦାନ ମହାପୁଣ୍ୟ । ନିଜର ଅଙ୍ଗଦାନ କରି ଅନ୍ୟଙ୍କୁ ନୂତନ ଜୀବନ ଦେଉଥିବା ବ୍ୟକ୍ତି ହିଁ ସମାଜରେ ଅମର ହୋଇଥାଏ । ଏପରି ଏକ ସଚେତନାତ୍ମକ ଅମର ଜୀବନ ପ୍ରସିଦ୍ଧ ଲାଭ କଲାପରେ ଏହାକୁ ନେଇ ଛଳଚିତ୍ରରେ ରୁପାନ୍ତରିତ କରାଯାଇଛି । ସୁକନ୍ୟା ପ୍ରଯୋଜିତ ନାଟ୍ୟକାର ସନ୍ତୋଷ କୁମାର ସେଠୀଙ୍କ ଲିଖିତ ଅଜୟ ବାରିକଙ୍କ ନିର୍ଦ୍ଦେଶିତ, ସଙ୍ଗୀତକାର ଜିନେଶ ମଲ୍ଲୀ, ନୃତ୍ୟ ନିର୍ଦ୍ଦେଶକ ବିକାଶ ବାରିକ, କ୍ୟାମେରା ସିପୁ ସ୍ୱାଇଁ ପ୍ରମୁଖ ଏହି କ୍ଷୁଦ୍ର ଛଳଚିତ୍ରରେ କାର୍ଯ୍ୟ କରିଛନ୍ତି । ଅଭିନେତା ପ୍ରଶାନ୍ତ କୁମାର ଜେନା, ରାକେଶ ବେହେରା, ଜିନେଶ ବାରିକ, ଉମେଶ ପଲେଇ, ଆଲୋକ ନାୟକ, ସିପୁ ରଂଜନ ଦାଶ, ଅଭିନେତ୍ରୀ ସିପ୍ରା ସ୍ୱାଇଁ, ପୁନମ ରାଉତ, ସହ ଅଭିନେତା ଗୌତମ, ଲିପୁ, ପ୍ରମୋଦ, ପ୍ରକାଶ, ଟୁଲୁ, ବାଦଲ ଓ ରୋହିତ ପ୍ରମୁଖ ଅଭିନୟ କରିଛନ୍ତି ।

## ପରଲୋକଗତ ଶ୍ରମିକ ନେତା ରାଜୁ ସିଂହଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଂଜଳି

ପାରାଦୀପ,(ପି.ଏନ) ପାରାଦୀପ ପୋର୍ଟ ଓ୍ୱାର୍କସ ୟୁନିୟନର ୟୁନିୟନ ଓ ପାରାଦୀପ ଡକ୍ ଟ୍ରନ୍ସପୋର୍ଟ ଓ୍ୱାର୍କସ୍ ୟୁନିୟନର ସଭାପତି ବିଶିଷ୍ଟ ଶ୍ରମିକ ନେତା ରାଜେନ୍ଦ୍ର ପ୍ରସାଦ ସିଂହ ଅକାଳ ବିୟୋଗରେ ଦୁଇ ଗୋଟି ଶ୍ରମିକ ୟୁନିୟନ ପକ୍ଷରୁ ଏକ ଶୋକ ସଭା ୟୁନିୟନ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା । କଟକ ସଦରର ପୂର୍ବତନ ବିଧାୟକ ସ୍ୱର୍ଗତ ସିଂହ ପାରାଦୀପର ଏହି ଦୁଇ ଗୋଟି ଶ୍ରମିକ ସଙ୍ଗଠନର ମୁଖ୍ୟ ଭାବେ ଦୀର୍ଘ ଦିନ ଧରି କାର୍ଯ୍ୟ କରୁଥିଲେ । ପାରାଦୀପର ଶ୍ରମିକମାନଙ୍କ ନିମନ୍ତେ ବହୁ କାର୍ଯ୍ୟ ସେ କରିଥିଲେ ବୋଲି ଶୋକ ସଭାରେ ଯୋଗ ଦେଇ ୟୁନିୟନର କାର୍ଯ୍ୟକାରୀ ସଭାପତି ଅନନ୍ତ କୁମାର ଦାସ, ସାଧାରଣ ସଂପାଦକ ନୃସିଂହ ଚରଣ ଶତପଥି, କୋଷାଧ୍ୟକ୍ଷ ବ୍ରିଜେଶ କୁମାର ଲେଙ୍କା, ଗୁଣନିଧି ଚୌଧୁରୀ, କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ମତବ୍ୟକ୍ତ କରିଥିଲେ ।

# କେନ୍ଦ୍ରାପଡାରେ ବିଶ୍ୱ ହେପାଟାଇଟିସ ଦିବସ ପାଳିତ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନିତା ପଟ୍ଟନାୟକଙ୍କ ଅଧକ୍ଷତାରେ ବିଶ୍ୱ ହେପାଟାଇଟିସ ଦିବସ ପାଳିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ(ଜନସ୍ୱାସ୍ଥ୍ୟ) ଡା. ମିର୍ଜା ବାବର ବେଗ ଦିବସ ପାଳନର ଆଭିମୁଖ୍ୟ, ହେପାଟାଇଟିସ ରୋଗର ଲକ୍ଷଣ ଓ ନିରାକରଣ ନିମନ୍ତେ ସଚେତନତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ହେପାଟାଇଟିସ ଏକ ଭୂତାଣୁ ଜନିତ ରୋଗ। ଏ,ବି,ସି,ଡି. ଓ ଇ ହେପାଟାଇଟିସ ମଧ୍ୟରୁ ବି ଓ ସି ମାରାତ୍ମକ ଭାବେ ପରିଗଣିତ ହୋଇଥାଏ। ହେପାଟାଇଟିସ- ବି ରେ ଆକ୍ରାନ୍ତ ହୋଇ ଗର୍ଭବତୀ ମହିଳାଙ୍କର ସର୍ବାଧିକ ମୃତ୍ୟୁ ହୋଇଥାଏ। ସାରା ଭାରତ ବର୍ଷରେ ୨କୋଟି ଲୋକ ଏହି ମାରାତ୍ମକ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି ବୋଲି ଡା. ନୃପେନ ଶତପଥୀ ସୂଚନା ପ୍ରଦାନ କରିଥିଲେ। ଅନ୍ଧବିଶ୍ୱାସରେ ବିଶ୍ୱାସ ନକରି ସରକାରୀ ଚିକିତ୍ସାଳୟରେ ମାଗଣା ପରୀକ୍ଷା ଓ ଚିକିତ୍ସା କରିବା ଆବଶ୍ୟକ ବୋଲି ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ(ପରିବାର କଲ୍ୟାଣ) ଡା. ସଚ୍ଚିଦାନନ୍ଦ ମିଶ୍ର ମତବ୍ୟକ୍ତ କରିଥିଲେ। ପ୍ରତ୍ୟେକମାସ ୯ତାରିଖରେ ସୁରକ୍ଷିତ ମାତୃତ୍ୱ ଦିବସରେ ଗର୍ଭବତୀ ମହିଳାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଏଚ.ଆଇ.ଭି./ ହେପାଟାଇଟିସ - ବି ର ପରୀକ୍ଷା କରିବା ନିହାତି ଆବଶ୍ୟକ ବୋଲି ଡା. ପି. କେ. ଦାଶ କହିଥିଲେ। ବୈଠକରେ ଡିପିଏମ ଗୀତାଞ୍ଜଳି ଦାସ, ଏପିଡେର୍ମିଓଲୋଜିଷ୍ଟ ସୁଶାନ୍ତ ପଟ୍ଟନାୟକ, ମାଇକ୍ରୋବାୟୋଲୋଜିଷ୍ଟ ସତ୍ୟନାରାୟଣ ସିଂହ, ଏ.ଏନ.ଏମ. ଟ୍ରେନିଂ ସେଣ୍ଟର ଅଧକ୍ଷା ଭାରତୀ ସ୍ୱାଇଁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଏ.ଏନ.ଏମ., ଆଶାକର୍ମୀ, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା,ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ସଫେଇ କର୍ମଚାରୀମାନେ ଯୋଗଦେଇଥିଲେ। ଶେଷରେ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶାନ୍ତିଲତା ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜି ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ : ହୃଦୟରେ ବାଘ ମାମୁଁ

ଭୁବନେଶ୍ୱର, (ପି.ଏନ): ଆଜି ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ। ପ୍ରତିବର୍ଷ ଜୁଲାଇ ମାସ ୨୯ ତାରିଖଟିକୁ ବ୍ୟାଘ୍ର ଦିବସ ରୂପେ ପାଳନ କରାଯାଇଥାଏ। ସଂପ୍ରତି ଦିନକୁ ଦିନ ବାଘ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏ ନେଇ ସାରା ବିଶ୍ୱ ଚିନ୍ତିତ। ଏହାର ସୁରକ୍ଷା ପରିବେଶ ସଂରକ୍ଷଣ ଲାଗି ନିତାନ୍ତ ଜରୁରୀ। ଏହି ପରିପ୍ରେକ୍ଷୀରେ ସ୍ମାର୍ଟ ନଗରୀ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର ପରିବେଶବିତ୍ ସୁଶାନ୍ତ ସାହୁ ଆମ ରାଜ୍ୟରେ ବ୍ୟାଘ୍ର ସଂଖ୍ୟା ହ୍ରାସକୁ ନେଇ ଚିନ୍ତାପ୍ରକଟ କରିବା ସହ ଜନ ସଚେତନତା ଉଦ୍ଦେଶ୍ୟରେ ମୁରୁଜରେ ଏକ ହୃଦୟ ତିଆରି କରି ବାଘର ଛବିକୁ ସ୍ଥାନିତ କରି ଏକ ନିଆରା ବା[illegible] ଦେବା ପାଇଁ ପ୍ରୟାସ କରିଛନ୍ତି। ସୁଶାନ୍ତ ଏହି ଅବସରରେ କୁହନ୍ତି-ପୂର୍ବରୁ ସିଂହ ଆମ ଦେଶର ଜାତୀୟ ପଶୁ ଥିଲା। ଏବେ ବାଘ ଆମର ଜାତୀୟ ପଶୁ। ଆମ୍ଭେମାନେ ଜାଣିରଖିବା ଉଚିତ୍ ବାଘ ରହିଲେ ଜଙ୍ଗଲ ରହିବ। ଜଙ୍ଗଲ ରହିଲେ ପରିବେଶ ଓ ଜୀବଜଗତର ସନ୍ତୁଳନ ରକ୍ଷା ହୋଇପାରିବ। ନଚେତ ଜୀବଜଗତ ଲୀନ ହୋଇଯିବ। ଅନେକ ସମୟରେ ଆମେ ବାଘକୁ ମାମୁଁ ବୋଲି ସମ୍ବୋଧନ କରିଥାଉ। ଛୋଟ ପିଲାକୁ ଗପ କହିଲା ବେଳେ ପ୍ରଥମେ ବାଘ ମାମୁଁର କଥା କହି ମନ ଜିଣିଥାଉ। ଏବେ ବାଘର ନାମକୁ ନେଇ ଫିଲ୍ମ ଟାଇଟଲ ଏବଂ କାହାଣୀ ତିଆରି ହୋଇସାରିଛି। ଯଥା-ଏକ୍ ଥା ଟାଇଗର, ଟାଇଗର ଜିନ୍ଦା ହୈ। ଦେଖିବାକୁ ଗଲେ ଏବେ ସଙ୍କଟରେ ବାଘ ମାମୁଁ। ଏକ ରିପୋର୍ଟରୁ ଜଣାପଡ଼ିଛି ୨୦୧୯ରେ ଭାରତରେ ୧୧୦ଟି ବାଘ ଓ ୪୯୧ଟି କଲର ପତରିଆ ପ୍ରାଣ ହରାଇଛନ୍ତି। ୨୦୧୮ରେ ୩୪ଟି ବାଘ ଶିକାରୀ ଦ୍ୱାରା ପ୍ରାଣ ହରାଇଥିବା ବେଳେ ୨୦୧୯ରେ ଏହା ୩୮ରେ ପହଞ୍ଚିଛି। ଅର୍ଥାତ୍ ବାଘ ଗୁଡ଼ିକ ଏବେ ଶିକାରୀଙ୍କ ଟାର୍ଗେଟରେ ରହିଛନ୍ତି। ଆମ ରାଜ୍ୟ ଓଡ଼ିଶାରେ ଏବେ ମହାବଳ ବାଘ କାଁ ଭାଁ ଦେଖା ଯାଉଛନ୍ତି। ଗତ ଅଢେଇ ବର୍ଷ ଭିତରେ ଆମ ରାଜ୍ୟରେ ୬୩ଟି ବାଘ ଛାଲ ଜବତ ହୋଇଛି। ସେଥିମଧ୍ୟରୁ ୬୦ଟି କଲର ପତରିଆ ଓ ୩ଟି ମହାବଳ ବାଘ ଛାଲ। ବନ ବିଭାଗର ଅପାରଗତା ଯୋଗୁ ଶିକାରୀମାନେ ବେଧଡ଼କ ଭାବେ ଶିକାର କରି ଚାଲିଛନ୍ତି। ଏ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହନ୍ତି ଆଉ ଦିନ କେଇଟାରେ ଓଡ଼ିଶା ଜଙ୍ଗଲରୁ ବାଘ ଶୂନ୍ୟ ହୋଇଯିବ। ଓଡ଼ିଶାରେ ବିଲୁପ୍ତ ପଥରେ ଥିବା ବାଘକୁ ବଞ୍ଚାଇ ରଖିବାକୁ ହେଲେ ଉଭୟ ସରକାରୀ, ବେସରକାରୀ ଏବଂ ଜନସାଧାରଣ ହୃଦୟର ସହ ସମ୍ମିଳିତ ଉଦ୍ୟମ ଓ ସଂକଳ୍ପ ନିତାନ୍ତ ଜରୁରୀ ବୋଲି ଶ୍ରୀ ସାହୁ ଏହି ଅବସରରେ କହିଛନ୍ତି।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ। ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରାଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତ୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ନାବାଳିକା ଅପହରଣ - ଅଭିଯୁକ୍ତ କୋର୍ଟ ଚାଲଣ

ପାରାଦୀପ, (ପି.ଏନ): ପାରାଦୀପ ଲକ୍ ଥାନା ଅ'ର୍ଗତ ନିମିଢି ବଜାରରୁ ଚୋରି ହୋଇଥିବା ଏକ ହିରୋ ସୁପର ସ୍ପ୍ଲେଣ୍ଡର ମୋଟର ସାଇକେଲ୍‌କୁ ଲକ୍ ଥାନା ପୋଲିସ୍ ଜବତ କରିବା ସହିତ ଚୋରି ଅଭିଯୋଗରେ ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି । ପାରାଦୀପ ଲକ୍ ଥାନା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶଯେ, ଗତ ୨୫ ତାରିଖ ଦିନ ପାରାଦୀପଗଡ ନିକଟସ୍ଥ ଚୂନବେଲାରୀ ଗ୍ରାମର ଆଲୋକ ମହାରାଣା ନିମିଢି ବଜାରରେ ଥିବା ଦୋକାନକୁ ନିଜ ହିରୋ ସୁପର ସ୍ପ୍ଲେଣ୍ଡର ମୋଟର ସାଇକେଲ୍ ଓଡି-୨୧-ଏଫ୍-୫୪୭୨ ଆସିଥିଲେ । ଦୋକାନରୁ ଘରକୁ ବାହାରିବା ସମୟର ତାଙ୍କ ମୋଟର ସାଇକେଲ୍ ସେଠାରେ ନଥିବା ଦେଖିଥିଲେ । ଏହା ପରେ ସେ ପାରାଦୀପ ଲକ୍ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୋଲିସ୍ ତଦନ୍ତ ଆରମ୍ଭ କରି କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବାଇପାଟନା ଗ୍ରାମର ସ୍ୱର୍ଗତ ମଙ୍ଗୁଳି ବେହେରାଙ୍କ ପୁଅ ଅମିତ ବେହେରା ଓରଫ ବାବୁଲି(୩୯), ସେହି ଥାନା ଅନ୍ତର୍ଗତ ସାନ ମୋହନପୁର ଗ୍ରାମର ଲକ୍ଷ୍ମଣ ଲେଙ୍କାଙ୍କ ପୁଅ ଶ୍ରୀକା' ଲେଙ୍କା ଓରଫ ସୁକାନ୍ତ(୩୯) ଓ ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଝିମାଣି ରୟତସାହି ଗ୍ରାମର ପ୍ରତାପ କୁମାର ଦାସଙ୍କ ପୁଅ ସୁରେଶ ଦାସ ଓରଫ ଟୁଲୁକୁ ଗିରଫ କରିବାରେ ସଫଳ ହୋଇଥିବା ଲକ୍ ଥାନା ପୋଲିସ୍ ପକ୍ଷରୁ ସୂଚନା ମିଳିଛି । ଅଭିଯୁକ୍ତମାନେ ଏହି ହିରୋ ସୁପର ସ୍ପ୍ଲେଣ୍ଡର ମୋଟର ସାଇକେଲ୍‌କୁ ଚୋରି କରିବା ପରେ କେନ୍ଦ୍ରାପଡା ଜିଲ୍ଲା କଂଟାବାଣ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିଲେ । ପୋଲିସ୍ ଗାଡି ଉଦ୍ଧାର କରିବା ସହ ତିନି ଅଭିଯୁକ୍ତଙ୍କୁ ଗିରଫ କରି ୨୨୫/୨୦୨୨ରେ କୋର୍ଟ ଚାଲଣ କରିଛି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/ ୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada




Bhubaneswar Friday July 29, 2022 ଭୁବନେଶ୍ୱର ଶୁକ୍ରବାର, ଜୁଲାଇ ୨୯,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




# ବରିଷ୍ଠ ନାଗରିକ ମଂଚ ପକ୍ଷରୁ ୧୫ତମ ମହାମହିମ ରାଷ୍ଟ୍ରପତିଙ୍କୁ ଶୁଭେଚ୍ଛା



ଚଣ୍ଡିଖୋଲ,(ପି.ଏନ): ଆଂଚଳିକ ବରିଷ୍ଠ ନାଗରିକ ମଂଚ ଚଣ୍ଡିଖୋଲ ପକ୍ଷରୁ ଭାରତ ବର୍ଷର ୧୫ତମ ମହାମହିମ ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରିବା ସହିତ ଶୁଭେଚ୍ଛା ଜଣାଯାଇଛି । ସେ ଆଜି ଭାରତ ବର୍ଷର ପ୍ରଥମ ନାଗରିକ ହୋଇଛନ୍ତି । ବରିଷ୍ଠ ନାଗରିକ ମଂଚ ପ୍ରେକ୍ଷାଳୟ ଗୃହରେ ସଭାପତି ଶେଷଦେବ ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପଦେଷ୍ଟା ସନ୍ତୋଷ ବିଶ୍ୱାଳ, ସମ୍ପାଦକ ହେମନ୍ତ ସାମଲ, କୋଷାଧ୍ୟକ୍ଷ ଚିତରଂଜନ ମହାପାତ୍ର, କ୍ଷୀରୋଦ ମାହାଲା, ଈଶ୍ୱର ସାମଲ, ଲକ୍ଷ୍ମୀଧର ସାହାଣୀ, ଭଗବାନ ପଣ୍ଡା, ଲୋକନାଥ ସେନାପତି, କୁଳମଣି ନାୟକ, ଉତମ ରଣା, ବୈକୁଣ୍ଠ ସାମନ୍ତରାୟ, ପୂର୍ଣ୍ଣଚନ୍ଦ୍ର ସାହାଣୀ, ପ୍ରଫୁଲ୍ଲ ସାହାଣୀ, ଶିବରାମ ସାହୁ, ଘନଶ୍ୟାମ ଗୋଛାୟତ, ଦୁଷ୍ମନ୍ତ ସ୍ୱାଇଁ, ବସନ୍ତ ବିଶ୍ୱାଳ ଓ ନବକିଶୋର ସାହୁ ପ୍ରମୁଖ ଯୋଗଦେଇ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ଜଳନ କରି ମହାମହିମ ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦୀ ମୁର୍ମୁଙ୍କ ଜୀବନକୁ ନିରାମୟ ଓ ସୁଖମୟ ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ତାଙ୍କ ପାଇଁ ଆମ ଓଡିଶା ଆଜି ଗର୍ବିତ । ମହାମହିମ ରାଷ୍ଟ୍ରପତି ଜନଜାତିର ମହିଳା ହୋଇଥିଲେ ହେଁ ତାଙ୍କ ଜୀବନରେ ସେ ଜନ ସେବା କରି ଓଡିଶାର ମନ୍ତ୍ରୀ, ଝାଡଖଣ୍ଡର ରାଜ୍ୟର ରାଜ୍ୟପାଳ ହୋଇ ପ୍ରିୟତା ଅର୍ଜନ କରିଥିବାରୁ ଆଜି ଭାରତ ବର୍ଷର ମହାମହିମ ରାଷ୍ଟ୍ରପତି ପଦରେ ଅଧିଷ୍ଠିତ ହୋଇଥିବାରୁ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ସ୍ୱାଗତ କରାଯାଇଛି ।

## ପଥର ବୋଝେଇ ଟ୍ରାକ୍ଟର ଜବତ,ଚାଳକ ଗିରଫ

ଖୋର୍ଦ୍ଧା, (ପିଏନ): ବେଗୁନିଆ ଥାନା ଅନ୍ତର୍ଗତ ମୁଗମଣ୍ଡା ଠାରେ ଗତକାଲି ବିଳମ୍ବିତ ସନ୍ଧ୍ୟାରେ ପଥର ବୋଝେଇ ଓଡି ୦୨ଏଏଚ୯୬୪୮ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟରକୁ ପୋଲିସ ଜବତ କରିବା ସହ ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।ବେଗୁନିଆ ଥାନା ଉପନିରୀକ୍ଷକ ଉମାକାନ୍ତ ବେହେରାଙ୍କ ସୂଚନା ମୁତାବକ ବୁଧବାର ବିଳମ୍ବିତ ସନ୍ଧ୍ୟାରେ ମୁଗମଣ୍ଡାରୁ ବୋଡଳମା ଅଭିମୁଖେ ଯାଉଥିବା ଏକ ପଥର ବୋଝେଇ ଟ୍ରାକ୍ଟର ଚାଳକ ଗୋଡିପାଟଣା ଗ୍ରାମର ଉଦୟ ନାଥ ଦଳେଇକୁ ଗିରଫ କରିଥିବା ବେଳେ ଟ୍ରାକ୍ଟରକୁ ଜବତ କରି ଥାନା ପରିସରରେ ରଖା ଯାଇଛି ।

## ଦେଶୀ ମଦ ଜବତ, ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା, (ପିଏନ): ବେଗୁନିଆ ଥାନା ଅନ୍ତର୍ଗତ ମାଣିବନ୍ଧ ଗ୍ରାମର ଅରକ୍ଷିତ ପାକରାଙ୍କ ପୁଅ ଶିଖର ପାଇକରାୟ(୪୨) ଦୀର୍ଘଦିନ ଧରି ବେଆଇନ ଭାବେ ଦେଶୀ ରନ୍ଧା ମଦ ବିକ୍ରୀ କରୁଥିବାର ପୋଲିସ ନିକଟରେ ବିଶ୍ୱସ୍ତ ସୂତ୍ରରୁ ଖବର ପହଂଚିଥିଲା । ଏ ନେଇ ଗୁରୁବାର ସନ୍ଧ୍ୟାରେ ଧଳାପଥର ଫାଣ୍ଡି ଅଧିକାରୀ ଶରତ କୁମାର ବେହେରା ଅତର୍କିତ ଭାବରେ ଚଢାଉ କରି ଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତକୁ ଅଟକ ରଖିଛନ୍ତି । ଖବର ଲେଖା ହେଲା ବେଳକୁ ଏହି ଘଟଣା ସମ୍ପର୍କରେ ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥିଙ୍କୁ ଯୋଗାଯୋଗ କରିବାରୁ ଦେଶୀ ମଦ କେତେ ପରିମାଣର ହେବ ତାହା ଆକଳନ କରାଯାଇ ପାରି ନାହିଁ ବୋଲି କହିଛନ୍ତି।

## ଛାତ୍ରୀଙ୍କ ନାମଲେଖାରେ ବାଧକ ସାଜିଛି ଅର୍ଥ

କେନ୍ଦ୍ରାପଡ଼ା,(ପି.ଏନ): ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୪୯୮ ବା ଶତକଡା ୮୩ ପ୍ରତିଶତ ନମ୍ବର ରଖି ଏ-୨ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ଗଣ୍ଡାକିଆ ଗ୍ରାମର ସୁରେନ୍ଦ୍ର ଲେଙ୍କା ଓ ନିର୍ମଳା ଲେଙ୍କାଙ୍କ ଝିଅ ମୋନାଲିସା ଲେଙ୍କା ମାଟ୍ରିକ ପାସ କରିବା ପରେ +୨ରେ ନାମ ଲେଖାଇବା ପାଇଁ ଅର୍ଥ ସାଜିଛି ବାଧକ। ମୋନାଲିସାଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବା ବେଳେ ତାଙ୍କ ପିତା ମାତା ବିଲବାଡିରେ ମୂଲ ମଜୁରୀ ଲାଗି ୪ଝିଅଙ୍କ ସହିତ ବହୁ ଦୁଃଖ କଷ୍ଟରେ ଓଳିଏ ଖାଇଲେ ଓଳିଏ ଉପବାସ ରହିଥାନ୍ତି। ଦୈନିକ ପରିବାର ଚଳାଇବା ଓ ବଞ୍ଚିବା ପାଇଁ ୬ପ୍ରାଣୀ କୁଟୁମ୍ବ ଜୀବନ ଜୀବିକା ସହିତ ସଂଗ୍ରାମ କରିଥାନ୍ତି। ବିନା ଟ୍ୟୁସନ କିମ୍ବା କୋଚିଂରେ ମୋନାଲିସା ମାଟ୍ରିକ ପରୀକ୍ଷାରେ ଏତେ ଭଲ ନମ୍ବର ରଖି କୃତକାର୍ଯ୍ୟ ହେବା ପରେ ଆଗକୁ ଅଧିକ ପାଠପଢି ଭଲ ମଣିଷ ଟିଏ ହେବାକୁ ପ୍ରବଳ ଇଚ୍ଛାଶକ୍ତି ଥିଲେ ମଧ୍ୟ ଆର୍ଥିକ ଅନାଟନ ତାଙ୍କ ପାଇଁ ବାଧକ ସାଜିଛି।

# ଉତ୍ତର ପ୍ରଦେଶ ଏମଏସଏମଇ ବିଭାଗ 'ଏକ ଜିଲ୍ଲା ଏକ ଉତ୍ପାଦ'ର ବିକାଶ ପାଇଁ କୋଓ ଆପ ସହିତ ଏମଓୟୁ ସ୍ୱାକ୍ଷର କରିଛି

ଭୁବନେଶ୍ୱର, (ପି.ଏନ): ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ରପ୍ତାନି ପ୍ରୋତ୍ସାହନ ବିଭାଗ, ଉତର ପ୍ରଦେଶ ସରକାର କୋଓ ଆପ ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି ଯାହା ବିଶ୍ୱରେ ଭାରତୀୟଙ୍କ ପାଇଁ ଏକ ଜିଲ୍ଲା ଏକ ଉତ୍ପାଦ ପାଇଁ ଏକ ପ୍ଲାଟଫର୍ମ ସୃଷ୍ଟି କରିବ ଓ ନିଜ ମାତୃଭାଷା ପାଇଁ ପ୍ରୋତ୍ସାହନ ମିଳିବ। ଏମଓୟୁର ଏକ ଅଂଶ ଭାବରେ କେଓଓ ପ୍ଲାଟଫର୍ମ ଓଡିଓପି ବିଷୟ ଓ ୧୦ ଟି ଭାଷାର ଶ୍ରୋତାଙ୍କ ପାଇଁ ସଚେତନତା ସୃଷ୍ଟିରେ ସହାୟକ ହେବ। ଅଧିକନ୍ତୁ କୋଓ କର୍ପୋରେଟ ଗିଫ୍ଟିଂ ଉଦ୍ଦେଶ୍ୟରେ ଓଡିଓପି ଗିଫ୍ଟ ଗ୍ରହଣ କରିବ। ଏହି ଏମଓୟୁ ମଧ୍ୟ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଓ ଯୋଜନାଗୁଡ଼ିକର ଯୋଗାଯୋଗ ବିଶେଷ କରି ଅଣ ଇଂରାଜୀ ଭାଷା ଭାଷୀ ବାସିନ୍ଦା ଓ ସ୍ଥାନୀୟ କାରିଗର ମାନଙ୍କୁ ବ୍ୟାପକ ଦର୍ଶକଙ୍କ ନିକଟରେ ପହଂଚାଇବ ଓ ସେମାନଙ୍କ ବ୍ୟବସାୟ ବୃଦ୍ଧି ଲାଗି ସହାୟତା କରିବ। ଓଡିଓପି ପରିଚାଳନାକୁ କକ୍ଟକ୍ଟ ଇକ୍ଟକ୍ଟ ଅଟଚପଢଡଢଚ ମାଧ୍ୟମରେ ଦେଖାଯାଇ ପାରିବ। ଶ୍ରୀ ନବନିତ ସେହଗଲ, ଆଇଏଏସ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ରପ୍ତାନି ପ୍ରୋତ୍ସାହନ ବିଭାଗ, ଉତର ପ୍ରଦେଶ ସରକାର କୋଓର ସହ ପ୍ରତିଷ୍ଠାତା ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅପରମେୟା ରାଧାକ୍ରିଷ୍ଣନଙ୍କ ସହିତ ଏକ ଏମସୟୁ ସ୍ୱାକ୍ଷର କରିଛନ୍ତି। ଉତର ପ୍ରଦେଶ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସେହଗାଲ କହିଛନ୍ତିଯେ କୋଓ ସହିତ ଏହି ସହଭାଗୀତା ଆମର ଓଡିଓପି ଉତ୍ପାଦକୁ ଅଧିକ ଦର୍ଶକଙ୍କ ନିକଟରେ ପହଂଚାଇବାରେ ସାହାଯ୍ୟ କରିବ ଓ ବିଭିନ୍ନ ଆଂଚଳିକ ଭାଷାରେ ବାର୍ତାଳାପ ବୃଦ୍ଧି କରିବ ।କୋଓର ସହ ପ୍ରତିଷ୍ଠାତା ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅପରମେୟା ରାଧାକ୍ରିଷ୍ଣନ କହିଛନ୍ତିଯେ ଉତର ପ୍ରଦେଶ ସରକାରଙ୍କ ସହିତ ଏହି ଏମଓୟୁ ସ୍ୱାକ୍ଷର ହୋଇ ପାରିଥିବାରୁ ଆମେ ବହୁତ ଖୁସି। ୟୁପି ବର୍ତମାନ ଏକ ନେତୃତ୍ୱଧାରୀ ଭାବରେ ଓଡିଓପି ପଦକ୍ଷେପ ଜରିଆରେ ବିଶ୍ୱ ସ୍ତରରେ ଉତ୍ପାଦର ବିକାଶ କରି ପାରିବ। ସ୍ଥାନୀୟ କାରିଗରଙ୍କୁ ସେମାନଙ୍କ କଳାଶିଳ୍ପର ବିକାଶ ଲାଗି ବିଭିନ୍ନ ଭାଷାରେ ଉତ୍ପାଦକୁ ପ୍ରସାର କରାଯିବା ଦ୍ୱାରା ସେମାନେ ବହୁ ଭାବରେ ଉପକୃତ ହୋଇ ପାରିବେ।

# ଦୁର୍ଦ୍ଦାନ୍ତ ଅପରାଧୀ ରୁଣ୍ଟୁକୁ ଏନ୍‌କାଉଣ୍ଟର

ବାଲେଶ୍ୱର,(ପି.ଏନ): ବାଲେଶ୍ୱର ଜିଲ୍ଲା ଖନ୍ତପଡ଼ା ଥାନା ଗୋପାଳପୁର ଫାଣ୍ଡି ବରିପଦା ପଞ୍ଚାୟତରେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ କୁ ଏନ୍‌କାଉଣ୍ଟର କରିଛି ପୁଲିସ। ମୃତ ଅପରାଧୀ ଜଣକ ବରିପଦା ଗ୍ରାମର ଭରତ ମଲ୍ଲିକଙ୍କ ପୁଅ ଲକ୍ଷ୍ମୀଧର ଓରଫ ରୁଣ୍ଟୁ (୩୦) ବୋଲି ଜଣାଯାଇଛି। ସୂଚନା ଅନୁସାରେ ରୁଣ୍ଟୁ ଖନ୍ତାପଡ଼ା ଥାନା ଅଞ୍ଚଳରେ ୩ଟି ସ୍ଥାନରେ ଛିନତାଇ କରିଥିଲା। ଖବର ପାଇ ଗୋପାଳପୁର ଫାଣ୍ଡି ଅଧିକାରୀ କ୍ରିଷ୍ଣା ପିଙ୍ଗୁଆ ଓ ସହଯୋଗୀ ତାକୁ ଧରିବା ପାଇଁ ବରିପଦା ଗ୍ରାମରେ ଚଢ଼ଉ କରିଥିଲେ। ଏହି ସମୟରେ ଗ୍ରାମର କଙ୍କଡ଼ା ଛକଠାରେ ରୁଣ୍ଟୁ ପୁଲିସକୁ ଦେଖି ନଈବନ୍ଧ ଆଡ଼କୁ ଦୌଡ଼ିଥିଲା। ଫାଣ୍ଡି ଅଧିକାରୀ ଶ୍ରୀ ପିଙ୍ଗୁଆ ତାକୁ ପିଛ କରି ମାଡ଼ି ବସିଥିଲେ ଏହି ସମୟରେ ରୁଣ୍ଟୁ ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ପୁଣି ଦୌଡ଼ିଥିଲା। ଫଳରେ ଶ୍ରୀ ପିଙ୍ଗୁଆ ବାଧ ହୋଇ ରୁଣ୍ଟୁ ଉପରକୁ ଗୁଳି ଚଳାଇଥିଲେ। ଗୁଳିଟି ରଣ୍ଟୁର ଛାତିରେ ବାଜିବାରୁ ସେ ଗୁରୁତର ହୋଇଥିଲା। ସେଠାରୁ ତାକୁ ଆମ୍ବୁଲାନ୍ସ ଯୋଗେ ସୋର ଡାକ୍ତରଖାନା ନିଆଯାଇଥିଲା। ହେଲେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ସେପଟେ ଫାଣ୍ଡି ଅଧିକାରୀ ପିଙ୍ଗୁଆଙ୍କୁ ଗୁରୁତର ଅବସ୍ଥାରେ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଗୋପାଳପୁର ଫାଣ୍ଡିରେ ବାଲେଶ୍ୱର ସିଟି ଡିଏସପି ଅମୂଲ୍ୟ ଧର, ଏସଡିପିଓ ପଦାରବିନ୍ଦ ତ୍ରିପାଠୀ, ଆଇଆଇସି ବିମଳ କୁମାର ନାୟକଙ୍କ ସହ ତିନି ଜଣ ଏଏସଆଇ ଓ ଫୋର୍ସ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସେ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ରୁଣ୍ଟୁ ନାଁରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନାରେ ୩୦ରୁ ଅଧିକ ଅପରାଧିକ ମାମଲା ରହିଥିବା ପୁଲିସ କହିଛି।

# ନାବାଳିକା ଅପହରଣ: ଅଭିଯୁକ୍ତ କୋର୍ଟ ଚାଲଣ

ପାରାଦୀପ,(ପି.ଏନ): ପାରାଦୀପ ନୂଆବଜାର ଅଂଚଳରୁ ଜନୈକ ନାବାଳିକାକୁ ଅପହରଣ କରି ନେଇଥିବା ଅଭିଯୋଗରେ ପାରାଦୀପ ଆଦର୍ଶ ଥାନା ପୋଲିସ୍ ଜଣକୁ ଗିରଫ କରି କୋର୍ଟ ଚାଲଣ କରିଛି । ଘଟଣାରୁ ପ୍ରକାଶଯେ, ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅ'ର୍ଗତ ଗହ୍ମାପୁର ଗ୍ରାମର ଡମ୍ବରୁଧର ରାଉତଙ୍କ ପୁଅ ଅଭିମନ୍ୟୁ ରାଉତ ପରିବାର ସହ ପାରାଦୀପ ନୂଆବଜାର ଅଂଚଳରେ ରୁହନ୍ତି । ଗତ ୨୩ ତାରିଖ ଅପରାହ୍ନ ପ୍ରାୟ ୩ଟା ସମୟରେ ଅଭିମନ୍ୟୁ ଓ ତାଙ୍କ ସ୍ତ୍ରୀ ଘରେ ନଥିବା ସମୟରେ ତାଙ୍କ ନାବାଳିକା ଝିଅକୁ ପାରାଦୀପ ମଧୁବନ ନିକଟସ୍ଥ ଜଗନ୍ନାଥ କଲୋନୀର ସତ୍ୟରଂଜନ ମଣ୍ଡଳଙ୍କ ପୁଅ ମନୋଜ ମଣ୍ଡଳ ଅପହରଣ କରି ନେଇଥିଲା । ଅଭିଯୋଗ ପାଇବା ପରେ ପାରାଦୀପ ଥାନା ଅଧିକାରୀ ପିପିଏଲ୍ ଫାଣ୍ଡି ଅଧିକାରୀ ରଘୁନାଥ ବେହେରାଙ୍କୁ ତଦ' ଭାର ଦେଇଥିଲେ । ତଦ' ସମୟରେ ଅଭିମନ୍ୟୁଙ୍କ ଅପହରଣ ହୋଇଥିବା ଝିଅ ନାବାଳିକା ବୋଲି ଜଣା ପଡିଥିଲା । ପୋଲିସ୍ ନାବଳିକାକୁ ଗତ ୨୫ ତାରିଖ ଦିନ ଉଦ୍ଧାର କରିବା ପରେ ଡାକ୍ତରୀ ମାଇନା ପାଇଁ ପଠାଇବା ପରେ ବୟାନ ରେକର୍ଡ ପାଇଁ ଅଦାଲତରେ ହାଜର କରାଇଥିଲେ । ଏହାର ପରଦିନ ୨୬ ତାରିଖ ଦିନ ଅଭିଯୁକ୍ତ ମନୋଜକୁ ଗିରଫ କରାଯାଇଥିଲା ଏବଂ ୨୭ ତାରିଖ ଦିନ ନାବାଳିକା ଅପହରଣ ମାମଲାରେ ୨୨୫/୨୦୨୨ରେ କୋର୍ଟ ଚାଲଣ କରାଯାଇଛି । ଅଭିଯୁକ୍ତର ଘର ଜଗତସିଂହପୁର ଜିଲ୍ଲା ଏରସମା ଥାନା ଅ'ର୍ଗତ ଓଲରା ନିକଟସ୍ଥ ଦାସମଠ ଅଂଚଳରେ ବୋଲି ପୋଲିସ୍ ପକ୍ଷରୁ ସୂଚନା ମିଳିଛି । ସେ ମଧୁବନ ନିକଟସ୍ଥ ଜଗନ୍ନାଥ କଲୋନୀରେ ନିଜ ପରିବାର ସହ ରହୁଥିଲା ।

# ଜୀ ସାର୍ଥକରେ ଖୁବ୍ ଶୀଘ୍ର ଆସୁଛି ସା ରେ ଗା ମା ପା ସ୍ୱର ମହାମଂଚ

ଖୋର୍ଦ୍ଧା,(ପି.ଏନ):ଜୀ ସାର୍ଥକରେ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି ଓଡ଼ିଶାର ସବୁଠାରୁ ବଡ଼ ସିଂଗିଙ୍ଗ ରିୟାଲିଟି ସୋ ସା ରେ ଗା ମା ପା ସ୍ୱରର ମହା ମଂଚ ଯେଉଁ ସୋରୁ ସଫଳତା ପାଇ ଆଜି ଓଡ଼ିଆ ସଙ୍ଗୀତ ଦୁନିଆରେ ଅନେକ ରାଜ କରୁଛନ୍ତି। ସେହି ମେଗା ସୋ ପୁଣି ଥରେ ଦର୍ଶକଙ୍କ ପାଖକୁ ଫେରୁଛି। ଜୀ ସାର୍ଥକ ପକ୍ଷରୁ ଏ ନେଇ ଘୋଷଣା କରାଯାଇଛି। ସ୍ୱର ଓ ସଙ୍ଗୀତକୁ ଭଲ ପାଉଥିବା ଏବଂ ଏଥିରେ କ୍ୟାରିୟର ଗଢିବାକୁ ଚାହୁଁଥିବା କଳାକାର ମାନଙ୍କ ପାଇଁ ଏହି ସୋ ଏକ ବଡ଼ ପ୍ଲାଟ ଫର୍ମ। ଗତ ସିଜିନ୍ ତୁଳନାରେ ଚଳିତ ଥର ସା ରେ ଗା ମା ପା ସ୍ୱରର ମହା ମଂଚ ଓଡ଼ିଶାରେ ଚହଳ ପକାଇବା ଆରମ୍ଭ କରିଛି। ଏହି ମେଗା ସୋ ପାଇଁ ଅଡ଼ିସନ ଆରମ୍ଭ ହୋଇଯାଇଛି। ଭୁବନେଶ୍ୱର ଓ ବାଲେଶ୍ୱର ନିକଟରେ ଅଡ଼ିସନ୍ ଶେଷ ହୋଇଥିବାବେଳେ ବୁଧବାର କେନ୍ଦୁଝରରେ ବି ଅଡ଼ିସନ ହୋଇଛି। ଶହ ଶହ ସଂଖ୍ୟାରେ ପ୍ରତିଯୋଗୀମାନେ ଅଡ଼ିସନ ରେ ଭାଗ ନେଉଛନ୍ତି। ଆସନ୍ତା ୨୩ ଜୁଲାଇରେ ବଲାଙ୍ଗିର ୨୪ରେ ରାଉରକେଲା, ୨୭ରେ ଯାଜପୁର ଟାଉନ ଅଗଷ୍ଟ ୨ରେ ବ୍ରହ୍ମପୁର ଓ ଅଗଷ୍ଟ ୭ରେ କଟରେ ଅଡ଼ିସନ ହେବାରେ କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ଜୀ ସାର୍ଥକ ଚ୍ୟାନେଲ କିମ୍ବା ଚ୍ୟାନେଲର ସୋସିଆଲ ମିଡ଼ିଆ ପେଜ୍ ସହ ଯୋଡ଼ି ହୋଇ ରହିବାକୁ ଚ୍ୟାନେଲ ପକ୍ଷରୁ କୁହାଯାଇଛି। ସା ରେ ଗା ମା ପା ହେଉଛି ଓଡ଼ିଆ ଟିଭି ଦୁନିଆରେ ସବୁ ଠାରୁ ବଡ଼ ମ୍ୟୁଜିକ୍ ରିୟାଲିଟି ସୋ। ଏହି ସୋ ମାଧ୍ୟମରେ ଓଡ଼ିଶାର କୋଣ ଅନୁକୋଣରୁ କଳାକାର ମାନେ ଢେର ସୁଯୋଗ ପାଇଥାନ୍ତି ଏମିତିକି ଏହି ରିୟଲିଟି ସୋରୁ ଅନେକ ନାମି କଣ୍ଠ ଶିଳ୍ପୀ ଏବେ ଓଡ଼ିଶା ସଙ୍ଗୀତ ଦୁନିଆରେ ପ୍ରତିଷ୍ଠିତ ହୋଇଛନ୍ତି।

# ଆଦିତ୍ୟ ବିର୍ଲା ସନ ଲାଇଫ ମ୍ୟୁଚୁଆଲ ଫଣ୍ଡ ନିବେଶ ଶିକ୍ଷା ଅଭିଯାନ- ପ୍ରୋ ପୋର୍ଟଫୋଲିଓ ଶୁଭାରମ୍ଭ କରିଛି

ମୁମ୍ବାଇ,(ପି.ଏନ): ଭାରତର ରାଜଧାନି ବଜାରରେ କ୍ଷୁଦ୍ର ନିବେଶକଙ୍କ ପ୍ରତି ଧ୍ୟାନ ଦେଇ 'ମ୍ୟୁଚୁଆଲ ଫଣ୍ଡ ସହି ହେଁ' ଅଭିଯାନକୁ ଆରମ୍ଭ କରାଯାଇଛି। ଅନ୍ୟପକ୍ଷରେ ମ୍ୟୁଚୁଆଲ ଫଣ୍ଡ ସ୍କିମ ଗୁଡ଼ିକର ଏକ ଗଠନ କରିବାର ଆବଶ୍ୟକତା ରହିଛି ଯାହା କେବଳ ଗୋଟିଏ ପାଣ୍ଠି ଅପେକ୍ଷା ପ୍ରତ୍ୟେକ ବଜାର ପ୍ରବଣତାକୁ ବଢାଇ ପାରେ। ଏହି ଚିନ୍ତାଧାରାକୁ ଆଗେଇ ନେବା ପାଇଁ ଆଦିତ୍ୟ ବିର୍ଲା ସନ ଲାଇଫ ମ୍ୟୁଚୁଆଲ ଫଣ୍ଡ ଏକ ନିବଶେ ଶିକ୍ଷା ଅଭିଯାନ- ପ୍ରୋ ପୋର୍ଟଫୋଲିଓର ଶୁଭାରମ୍ଭ କରିଛି ଯାହା ନିବେଶକଙ୍କ ଆଧାରକୁ ପାଣ୍ଠିର ମିଶ୍ରଣ ସହିତ ପୋର୍ଟପୋଲିଓ ସୃଷ୍ଟି କରିବ ଓ ଅସ୍ଥିର ବଜାର ସ୍ଥିତିକୁ ଦୂର କରିବାରେ ସାହାଯ୍ୟ କରିବ। ଦେଶରେ ନିବେଶକଙ୍କ ସଂଖ୍ୟା ବଢୁଥିବା ଦୃଷ୍ଟି କୋଣରୁ ଏହା ଆବଶ୍ୟକତା ଗୁଡ଼ିକୁ ପୂରଣ କରି ପାରିବ। ଏକ ପୋର୍ଟଫୋଲିଓରେ ଫ୍ଲେକ୍ସି କ୍ୟାପ, ସନ୍ତୁଳିତ ଆଡଭାନଟେଜ ଓ ଲାର୍ଜ କ୍ୟାପ ପାଣ୍ଠିର ମିଶ୍ରଣ ରହିଛି ଯାହା ଫ୍ରଂଟ ଲାଇନ ଷ୍ଟକରେ ବିନିଯୋଗ କରି ପାରିବ ଓ ଦୀର୍ଘ ମିଆଦି ଧନ ସୃଷ୍ଟି




କରିବାରେ ସହାୟକ ହେବ।ଏକ ବୃହତ କ୍ୟାପ ଫଣ୍ଡ ଫ୍ରଂଟଲାଇନ ଷ୍ଟକ ଗୁଡ଼ିକୁ ଏକ୍ସପୋଜର ଯୋଗାଇବ, ଫ୍ଲେକ୍ସି କ୍ୟାପ ଫଣ୍ଡ ନମନୀୟତା ପରିଚାଳନା ନିମନ୍ତେ ସୁଯୋଗ ଦେଇ ପାରିବ ଓ ଷ୍ଟକ ବର୍ଗର ନିବେଶ ହୋଇ ପାରିବ ତଥା ବାଲାନସଡ ଆଡଭାନଟେଜ ଫଣ୍ଡ ଇକ୍ୟୁଟି ଓ ଡେବଟ ମଧ୍ୟରେ ଆସେଟ ଆଲୋକଶେନ କରିବ। ଏହି ଫଣ୍ଡ ଗୁଡ଼ିକ ବଜାରର ଅସ୍ଥିରତାରୁ ସୁରକ୍ଷା ଦେବ। ଏହି ଅଭିଯାନର ଶୁଭାରମ୍ଭ ଅବସରରେ ଶ୍ରୀ ବାଲସୁବ୍ରମନିୟମ, ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ, ଆଦିତ୍ୟ ବିର୍ଲା ସନ ଲାଇଫ ଏଏମସି ଲିମିଟେଡ କହିଛଁଯେ ୩ଟି ଫଣ୍ଡର ସମାହାର ଫେରସ୍ତ ପରମିାଣକୁ ବୃଦ୍ଧି କରିବ। ବଜାରର ଅସ୍ଥିରତାରୁ ଏହା ସୁରକ୍ଷା ଦେବା ସହ ବଜାର ଚକ୍ରରେ ପାଣ୍ଠିର ପରିମାଣ ଭଲ ପ୍ରଦର୍ଶନ କରିବ ଓ ଅଧିକ ସମୟ ଅବଧି ପାଇଁ ଧନ ବୃଦ୍ଧି କରିପାରିବ। ଏହି ଅଭିଯାନ ସହିତ ଆମେ ନିବେଶକଙ୍କୁ ଶିକ୍ଷିତ ଓ ସଶକ୍ତ କରିବାକୁ ପ୍ରୟାସ କରୁଅଛୁ। ଏହା ଦ୍ୱାରା ନିବେଶକମାନେ ସେମାନଙ୍କ ପାଣ୍ଠିକୁ ସ୍ୱାଧୀନ ଭାବରେ ପରିଚାଳନା କରିବା ସୁଯୋଗ ପାଇପାରିବେ।ଶ୍ରୀ ଅଜୟ କାକର, ସିଏମଓ, ଆଦିତ୍ୟ ବିର୍ଲା କ୍ୟାପିଟାଲ ଲିମିଟେଡ କହିଛନ୍ତିଯେ ଆମର ଏହି ନିବେଶକ ଶିକ୍ଷା ଅଭିଯାନ ଜରିଆରେ ଆମେ ପାଣ୍ଠି ଉପଯୁକ୍ତ ବିନିଯୋଗ ଉପରେ ପରାମର୍ଶ ଦେଇ ପାରିବୁ। ଯେପରିକି ଜୀବନର ଉତ୍ଥାନ-ପତନ ଆସିଥାଏ ସେହିପରି ଆର୍ଥିକ ବଜାରର ଅବସ୍ଥା କିଛି କାରକର ସମ୍ମୁଖୀନ ହୋଇଥାଏ। ଆମେ ନିଜର ପାଣ୍ଠିକୁ ଏପରି ଉପାୟରେ ନିବେଶ କରିବା ଆବଶ୍ୟକ ଯାହା ଆମର ସୁବିଧା ଅନୁଯାୟୀ ପରିଚାଳିତ ହୋଇପାରିବ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray